ଧରିତ୍ରୀ
DHARITRI
March 8-14, 2026 ₹2/-

ଧରିତ୍ରୀ
DHARITRI
52
Years

# ଛୁଟିଦିନ

# ଯୋଦ୍ଧା

**ପ୍ରଚ୍ଛଦ ପ୍ରସଙ୍ଗ**

୩

ଏମାନେ ଏମିତି ଜଣେ ଜଣେ ନାରୀ ଯିଏ କି ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବି ପଛଘୁଞ୍ଚା ନ ଦେଇ ଅସମ୍ଭବକୁ ସମ୍ଭବ କରିବା ସହ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ସେହିଭଳି କେତେଜଣ ଯୋଦ୍ଧା ନାରୀଙ୍କ ସମ୍ପର୍କରେ...




# ବାସ୍ତୁ ଅନୁଯାୟୀ ବାମ୍ବୋପ୍ଲାଣ୍ଟ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ବାମ୍ବୋ ପ୍ଲାଣ୍ଟ ହେଉଛି ଭାଗ୍ୟଶାଳୀ ତଥା ଶୁଭଫଳ ପ୍ରଦାନକାରୀ ଏକ ପ୍ରକାର ଗଛ। ଏହାକୁ ଘରେ ହେଉ ଅବା କର୍ମକ୍ଷେତ୍ରରେ ରଖିଲେ ଭାଗ୍ୟୋଦୟ ହେବା ସହ ବୈଭବ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ତେବେ ବାମ୍ବୋପ୍ଲାଣ୍ଟର ଆଉ କ'ଣ ସବୁ ବାସ୍ତୁ ଉପକାର ରହିଛି ଜାଣନ୍ତୁ ସେ ସମ୍ପର୍କରେ...**

* ବାମ୍ବୋପ୍ଲାଣ୍ଟ ପର୍ଯ୍ୟାବରଣକୁ ସଫାସୁତୁରା ରଖିବାରେ ମଧ୍ୟ ବେଶ୍ ସହାୟକ ହୋଇଥାଏ। ତେଣୁ ଏହାକୁ ନାଚୁରାଲ୍ ଏୟାର୍ ପ୍ୟୁରିଫାୟର୍ ପ୍ଲାଣ୍ଟ ବୋଲି ଅନେକ କହିଥାନ୍ତି।

* ଭାଗ୍ୟଶାଳୀ ବାମ୍ବୋପ୍ଲାଣ୍ଟକୁ



ଘରର ପୂର୍ବ ଦିଗରେ ରଖିଲେ ସକାରାତ୍ମକ ଊର୍ଜ୍ଜା ଉତ୍ପନ୍ନ ହୋଇଥାଏ। ଅନ୍ୟପକ୍ଷେ ଏହାକୁ ଦକ୍ଷିଣ-ପୂର୍ବ ଦିଗରେ ରଖିଲେ ଧନପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି।

* ବାମ୍ବୋପ୍ଲାଣ୍ଟରେ ଦିଆଯାଇଥିବା ପାଣିକୁ ପ୍ରତି ସପ୍ତାହରେ ବଦଳାଇବା ଦରକାର। ଯଦ୍ୱାରା ଆର୍ଥିକ ସ୍ଥିତି ମଜଭୂତ୍ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି।

* ବାମ୍ବୋପ୍ଲାଣ୍ଟକୁ ଘରର ଯେ କୌଣସି ସ୍ଥାନରେ ରଖାଯାଇପାରେ। ଏପରିକି ପତ୍ନୀପତିଙ୍କ ବେଡ୍‌ରୁମ୍‌ରେ ବି। ଏହା ପତ୍ନୀପତିଙ୍କ ଭିତରେ ଭଲପାଇବା ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ।

* କ୍ୟାରିୟର୍‌ରେ ସଫଳତା ଚାହୁଁଥିଲେ ଷ୍ଟଡିରୁମ୍‌ରେ ବାମ୍ବୋପ୍ଲାଣ୍ଟକୁ ରଖିବା ବେଶ୍ ଉପକାରୀ ହୋଇଥାଏ।

* ଏହି ଗଛକୁ ବାଥରୁମ୍ କିମ୍ବା ରୋଷେଇ ଘର ନିକଟରେ ରଖିବା ଆଦୌ ଠିକ୍ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୮-୧୪, ୨୦୨୬

**ମେଷ**
କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ଲକ୍ଷ୍ୟ ହାସଲ କରିପାରନ୍ତି, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ସାମାଜିକ ସମ୍ମାନ ମିଳିବ, ସହକର୍ମୀ ସହ ମତାନ୍ତର, ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ବନ୍ଧୁଙ୍କ ପ୍ରତାରଣା, ଆର୍ଥିକ ଦୁରାବସ୍ଥା ॥

**ବୃଷ**
ନୂତନ ବନ୍ଧୁସମ୍ପର୍କ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ଆତ୍ମୀୟଙ୍କ ଅସହଯୋଗ, କରଜଦାତାଙ୍କ ଚାପ, ପୁରାତନ ଗୃହ ନବୀକରଣ, ଦୂରଯାତ୍ରା ସ୍ଥଗିତ ରହିବ, ଆନୁଷ୍ଠାନିକ କାର୍ଯ୍ୟକ୍ରମ, ଗୃହସୀମା ବିବାଦ, ବ୍ୟବସାୟିକ ସଫଳତା ॥

**ମିଥୁନ**
ଶୁଭଖବର ପାଇବେ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ଭ୍ରାତୃ ସମ୍ପର୍କରେ ଅବନତି, ପାରିବାରିକ ଅଶାନ୍ତି, ବନ୍ଧୁଙ୍କ କାର୍ଯ୍ୟରେ ସନ୍ଦେହ, ଉପରିସ୍ଥଙ୍କ କୈଫିୟତ ତଲବ, ପ୍ରଶାସନିକ ଆଲୋଚନା, ପଡୋଶୀଙ୍କ ପ୍ରଶଂସା, ଭୁଲ୍ ବୁଝାମଣା ଦୂର ହେବ, ଶିଳ୍ପ ବାଣିଜ୍ୟରେ ଉନ୍ନତି ॥

**କର୍କଟ**
ଦୈହିକ ଦୁର୍ବଳତା, ଆର୍ଥିକ ଦୁରବସ୍ଥା, ନିଷ୍ପତ୍ତି ନେବାରେ ବିଳମ୍ବ, ଅବସାଦ ଦୂର ହେବ, ବ୍ୟାପାରରେ ଲାଭ, ବନ୍ଧୁଙ୍କୁ ଆପଣାର କରିବେ, ଆଶାବାଦୀ ହୋଇପାରନ୍ତି, ସାମଜିକ ସମ୍ମାନ ପ୍ରାପ୍ତି, ପାରିବାରିକ ଶାନ୍ତି, ଯାନ୍ତ୍ରିକ ଜିନିଷ କ୍ରୟ ॥

**ସିଂହ**
ପାରିବାରିକ ସମସ୍ୟା, ବନ୍ଧୁଙ୍କ ପରାମର୍ଶ, ଭ୍ରାତୃ ସମ୍ପର୍କରେ ଫାଟ, ରାଜନୈତିକ ଆଲୋଚନା, ଗୁପ୍ତବୈଠକ କରିପାରନ୍ତି, ପରିସ୍ଥିତି ବଦଳିଯିବ, ନୂତନ ଯୋଜନାରମ୍ଭ, ପଦୋନ୍ନତିର ସୂଚନା, ଶିଳ୍ପବାଣିଜ୍ୟରେ ପ୍ରତିବନ୍ଧକ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି ॥

**କନ୍ୟା**
ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ଆର୍ଥିକ ଅନଟନ, କଳା କାରିଗରୀରୁ ପ୍ରଶଂସା, ଗବେଷଣାରେ ଅଗ୍ରଗତି, ଦୂରଯାତ୍ରା ସ୍ଥଗିତ ରହିବ, ତିର୍ଥାଟନର ଯୋଜନା, ପଦାଧିକାରୀଙ୍କ ପରାମର୍ଶ, ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଯୁକ୍ତ, ବନ୍ଧୁସମ୍ପର୍କରେ ଉନ୍ନତି ॥

**ତୁଳା**
କାର୍ଯ୍ୟଦକ୍ଷତାରୁ ପ୍ରଶଂସା, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ଋଣଗ୍ରସ୍ତ ହୋଇପାରନ୍ତି, ନୂତନ ନିଯୁକ୍ତି ମିଳିପାରେ, ପରୋକ୍ଷ ଶତ୍ରୁତାରୁ କାର୍ଯ୍ୟହାନୀ, ସୁସମ୍ପର୍କ ବ୍ୟାହତ, କ୍ରନିକ୍ ରୋଗରେ ପୀଡା, ଯାନବାହନ ନବୀକରଣ, ସନ୍ତାନଙ୍କ ସ୍ୱାସ୍ଥ୍ୟ ସମସ୍ୟା, ଧର୍ମକାର୍ଯ୍ୟ କରିବେ ॥

**ବିଛା**
ଭାବପ୍ରବଣତା ବଢିବ, ବନ୍ଧୁ ଦୁରେଇଯିବେ, ସରଳ ବିଶ୍ୱାସରୁ ହଇରାଣ, ବ୍ୟବସାୟରେ କ୍ଷତି, ନିର୍ମାଣ କ୍ଷେତ୍ରରେ ଦ୍ୱନ୍ଦ୍ୱ, ନୂତନ ମିତ୍ରତା ସୃଷ୍ଟି, ସାହିତ୍ୟକୃତିରୁ ପ୍ରଶଂସା, ପ୍ରକାଶନରେ ବିଳମ୍ବ, ଆଇନ ସହାୟତା ମିଳିବ, ପିତୃବର୍ଗରେ ପୀଡା ॥

**ଧନୁ**
ଉଚ୍ଚ ଚିନ୍ତା କରିବେ, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ଅର୍ଥ ସଂକଟ ଦୂରହେବ, ଅପ୍ରିୟସତ୍ୟ ଭାଷଣରୁ କଳହ, ପରିସ୍ଥିତି ଜଟିଳ ହୋଇପାରେ, ସ୍ତ୍ରୀଙ୍କ ସୁପରାମର୍ଶ, ସମସ୍ୟାକୁ ସୁଧାରି ନେବେ, ଅନିଚ୍ଛାକୃତ ଖର୍ଚ୍ଚରୁ ମନସ୍ତାପ, ବ୍ୟବସାୟିକ ସଫଳତା ॥

**ମକର**
ପାରିବାରିକ କଳହ, ମାନସିକ ବିଷର୍ଣ୍ଣତା, ବୟସ୍କବ୍ୟକ୍ତିଙ୍କ ପରାମର୍ଶ, ମୂଲ୍ୟବାନ୍ ଜିନିଷ କ୍ରୟ, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା, ସାହିତ୍ୟ ସଙ୍ଗୀତରେ ଅନୁରାଗ, ସାମ୍ବାଦିକତାରୁ ଗୌରବ, ମନୋରଞ୍ଜନର ସୁଯୋଗ ॥

**କୁମ୍ଭ**
କର୍ମକ୍ଷେତ୍ରରେ ବିବାଦ, ପରିସ୍ଥିତିକୁ ନିୟନ୍ତ୍ରଣ କରିବେ, ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ, ବନ୍ଧୁଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି, ରଚନାତ୍ମକ କାର୍ଯ୍ୟରୁ ସମ୍ବର୍ଦ୍ଧନା, ରପ୍ତାନୀ କାରବାର ବୃଦ୍ଧି, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ନିଯୁକ୍ତି ଅଫର୍ ॥

**ମୀନ**
ନୂତନ ଯୋଜନାରମ୍ଭ, ସହକର୍ମୀଙ୍କ ସହଯୋଗ, ବ୍ୟାଙ୍କ ଲୋନ୍ କରିପାରନ୍ତି, ବନ୍ଧୁଙ୍କ ସମାଲୋଚନା, ଦୁଶ୍ଚିନ୍ତାର ମାତ୍ରା ବଢିଯିବ, ଶାରିରୀକ ଅସୁସ୍ଥତାର ଅନୁଭବ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ଆଶା ପୂରଣର ପ୍ରତୀକ୍ଷା, ବିଦେଶଯାତ୍ରାର ସୁଯୋଗ, ଶୁଭଖବର ପ୍ରାପ୍ତି ॥

# ଉପକାରୀ ପାନୀୟ



ଖରାଦିନେ ଶୋଷ ମେଣ୍ଟାଇବାକୁ ଅନେକେ କୋଲ୍ଡ ଡ୍ରିଙ୍କ୍ସ ଅଥବା ସୋଡା ପିଇବାକୁ ଭଲ ପାଇଥାନ୍ତି। କିନ୍ତୁ ଏହା ଶରୀର ପାଇଁ ଆଦୌ ହିତକର ହୋଇ ନଥାଏ। ତେଣୁ ଏଠାରେ ସେମିତି କେତୋଟି ଉପକାରୀ ପାନୀୟ ସମ୍ପର୍କରେ ଉଲ୍ଲେଖ କରାଯାଉଛି, ଯାହାକୁ ପିଇଲେ ଖରାଦିନେ ଶୋଷ ମେଣ୍ଟିବା ସହ ଶରୀରକୁ ଉତ୍ତମ ପୋଷଣ ମଧ୍ୟ ମିଳିଥାଏ। ଯେମିତିକି: * **ପଇଡ଼ ପାଣି-** ଏଥିରେ ଉତ୍ତମ ପରିମାଣରେ ଭିଟାମିନ୍ ଓ ବିଭିନ୍ନ ଉପକାରୀ ପୋଷଣ ଭରି ରହିଥିବାରୁ, ଏହାକୁ ପିଇଲେ ଖରାଦିନେ ଶରୀରରେ ଜଳୀୟ ଅଂଶ ଠିକ୍‌ଠାକ୍ ରହିବା ସହ ଥକ୍କାପଣ ଦୂର ହୋଇଥାଏ। ତା'ସହିତ ପେଟ ମଧ୍ୟ ଥଣ୍ଡା ରହିଥାଏ। * **ଲେମ୍ବୁ ପାଣି-** ଏଥିରେ ଭିଟାମିନ୍ ସି ପ୍ରଚୁର ମାତ୍ରାରେ ରହିଥାଏ। ଖରାଦିନେ ଏହାକୁ ପିଇଲେ ଶରୀରକୁ ଫୁର୍ତ୍ତି ଲାଗିବା ସହ ପାଚନ କ୍ରିୟା ଭଲ ହୋଇଥାଏ। * **ଦହି ସରବତ-** ଖରାଦିନେ ବିଭିନ୍ନ କାରଣରୁ ପେଟ ଗରମ ହୋଇଯାଏ। ଯଦି ଏଦିନେ ଦହି ସରବତ ପିଆଯାଏ, ପେଟ ଥଣ୍ଡା ରହିବା ସହ ତାଜାପଣ ଅନଭବ ହୁଏ। * **ଫ୍ରୁଟ୍ ଜୁସ୍-** ଖରାଦିନେ ଫ୍ରୁଟ୍ ଜୁସ୍ ପିଇବା ମଧ୍ୟ ଶରୀର ପକ୍ଷେ ଉପକାରୀ ହୋଇଥାଏ। ଖରାଦିନେ ପ୍ରଚୁର ଗରମରେ ଦେହରୁ ଝାଳ ବୋହିବା ଯୋଗୁ ଶରୀରରୁ ଜଳୀୟ ଅଂଶ କମିଯାଏ। ଫଳରେ ଥକ୍କାପଣ ଅନୁଭବ ହୁଏ। ଏଥିପାଇଁ ଖରାଦିନେ ମିଳୁଥିବା ବିଭିନ୍ନ ଫଳମୂଳରେ ତିଆରି ଫ୍ରୁଟ୍ ଜୁସ୍ ପିଇଲେ ଶରୀରକୁ ଶକ୍ତି ମିଳିବା ସହ ଫୁର୍ତ୍ତି ମଧ୍ୟ ଲାଗିଥାଏ।

# ପାଠକୀୟ

* ପକେଟ୍‌ରେ ନଥିଲା ଟଙ୍କା। କାହା ଅଧିନରେ କାମ କରିବାର ଇଚ୍ଛା ବି ନ ଥିଲା। କିନ୍ତୁ ସ୍ୱପ୍ନ ଥିଲା ନିଜର ସାମ୍ରାଜ୍ୟ ଗଢିବେ। ଆଉ କଲେ ବି। ରାସ୍ତାକଡ଼ରୁ ଆରମ୍ଭ କଲେ ନିଜର ବ୍ୟବସାୟ ଓ ବୁଦ୍ଧି ବଳରେ ପାଲଟିଗଲେ ଜଣେ ଜଣେ କୋଟିପତି। ଏଭଳି ଏକ ମନଛୁଆଁ ବିଷୟବସ୍ତୁ ନେଇ ପ୍ରସ୍ତୁତ 'ରାସ୍ତାକଡ଼ରୁ କୋଟିପତି' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ପ୍ରେରଣାଦାୟୀ ଥିଲା। ***- ରଶ୍ମିତା ମହାନ୍ତି, ସିଡ଼ିଏ, କଟକ***

* ପକେଟ୍‌ରେ ଟଙ୍କା ନଥିଲା ସତ, ହେଲେ ମନ ଥିଲା ରାଜା ଭଳି। କାହାରି ଅଧିନରେ କାମ କରିବେ ନାହିଁ। ରାସ୍ତାକଡ଼ରେ ଛୋଟିଆ ବ୍ୟବସାୟଟିଏ ହେଉ ପଛେ କରିବେ। ସେଇଥିରେ ମନପ୍ରାଣ ଲଗାଇ ତାକୁ ଆଗକୁ ବଢାଇବେ ଓ ଆକାଶଛୁଆଁ କରିବେ। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ପ୍ରସ୍ତୁତ 'ରାସ୍ତାକଡ଼ରୁ କୋଟିପତି' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ମନଛୁଆଁ ହୋଇଥିଲା। ***- ସଞ୍ଜୁକ୍ତା ସେଠୀ, ବଡ଼ଶଙ୍ଖ, ପୁରୀ***

* 'କେଉଁ ବାସନରେ ଖାଦ୍ୟ ଖାଇଲେ କ'ଣ ଲାଭ ହୁଏ', 'ଲେମ୍ବୁରେ ଲୁଚି ରହିଛି ସୌନ୍ଦର୍ଯ୍ୟର ଗୁଣ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କ ସଂଘର୍ଷମୟ ଜୀବନି ପଢି ଖୁସି ଲାଗିଲା। 'କଖାରୁ ଫୁଲ' ଶୀର୍ଷକ ଗପଟି ମନଛୁଆଁ ହୋଇଥିଲା।
***- ରାଜେଶ ପ୍ରଧାନ, ଜୟପୁର, କୋରାପୁଟ***

* ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ 'କାରଣ କହିଲେ ଦୀପିକା', 'ଆମୀରଙ୍କ ପ୍ରଶଂସାରେ ସାଇ', 'ଇନ୍ସପେକ୍ଟର ସନା' ଆଦି ପାଠର ଉପସ୍ଥାପନା ଶୈଳୀ ମନଛୁଆଁ ହୋଇଥିଲା। କବି ଆଶିଷ କୁମାର ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା।
***- ଅମରେଶ ପଣ୍ଡା, ଆଳି, କେନ୍ଦ୍ରାପଡ଼ା***

* ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ରେନ୍‌ଡ୍ରପ୍ ଚୁଡ଼ି' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ଐତିହାସିକ ବିଷ୍ଣୁଚକ୍ର ଗଡ଼ ପାଠଟି ତଥ୍ୟପୂର୍ଣ୍ଣ ଥିଲା। ହାଃ ହାଃ ଖୁବ୍ ମଜାଦାର୍ ଲାଗୁଥିଲା। ସହରଠୁ ଦୂର ପୃଷ୍ଠାରୁ ରାଜସ୍ଥାନର ନକ୍କି ହ୍ରଦ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।
***- ଦିଲ୍ଲୀପ କୁମାର ସାହୁ, ଲହୁଣି, ଓଳାଭର, କେନ୍ଦ୍ରାପଡ଼ା***

* 'ପଇଡ଼ ଭିତରେ ପାଣି ଆସିଲା କୋଉଠୁ', 'ଚୋର ଧରା ଚଷମା', 'ମହାକାଶରେ ବ୍ୟାଡ୍‌ମିଣ୍ଟନ ଖେଳ', 'ରୋବୋ ଚଲାଉଛି ୟୁନିସାଇକେଲ୍' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା।
***- ରଞ୍ଜିତା ପାଣିଗ୍ରାହୀ, ପୁରୁଷୋତ୍ତମପୁର, ନୟାଗଡ଼***

ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:
chhutidinadharitri@gmail.com

## ବିଶେଷ ଚିଠି



ନ ଶୁଣି କୌଣସି ଆପତ୍ତି କି ବିପତ୍ତି
ସେମାନେ ରାସ୍ତାକଡ଼ରୁ କୋଟିପତି ।
କେମିତି ହେବ ପୁଣି ବିକାଶ
ଦେଖି ଶିଶୁ ସାହିତ୍ୟର ହ୍ରାସ ।
ସୃଜନରେ ଗପ କବିତାର ସମ୍ଭାର
ଯେମିତି ଛୁଟିଦିନ ଧରିତ୍ରୀର ଉପହାର ।
ପ୍ରକୃତିର ସୌନ୍ଦର୍ଯ୍ୟ ଓ କିମ୍ବଦନ୍ତୀ
ପର୍ଯ୍ୟଟକଙ୍କୁ ଆକର୍ଷିତ କରାନ୍ତି ।
ବିବିଧା ଆଉ ବ୍ୟାକ୍‌ପେଜ ଭାରି ନିଆରା
ରୋଚକତା ଭରି ଆଣ ଖୁବ୍ ସାରା ।
***- ସୁନିଲ କୁମାର ବେହେରା***
***ମନ୍ଦାରୀ, ବାସୁଦେବପୁର, ଭଦ୍ରକ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ଯୋଦ୍ଧା

କିଛି ପୁରୁଷ ନିଜ ପୌରୁଷତ୍ୱ ଜାହିର କରିବାକୁ କହିଥାନ୍ତି– ‘ମୁଁ ହାତରେ ଚୁଡ଼ି ପିନ୍ଧି ନାହିଁ! କିନ୍ତୁ କୋମଳ, ଦୁର୍ବଳ ଏବଂ ଅସମର୍ଥ ମନେ ହେଉଥିବା ଚୁଡ଼ି ପିନ୍ଧା ହାତରେ ମଧ୍ୟ କେତେଜଣ ଏମିତି ନାରୀ ଅଛନ୍ତି, ଯିଏ ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଏଭଳି କିଛି ଅସାଧାରଣ କାମ କରି ଯାଇଛନ୍ତି, ଯାହା ଅନେକ ପୁରୁଷଙ୍କ ପକ୍ଷରେ ମଧ୍ୟ କରିବା ସମ୍ଭବ ନୁହେଁ। ସେହିପରି ଅକଳ୍ପନୀୟ କାର୍ଯ୍ୟ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କେତେଜଣ ଯୋଦ୍ଧା ନାରୀଙ୍କ ସମ୍ପର୍କରେ...

**ଲିଟିଲ ଶିଓର୍ ସଟ୍: ଆନି ଓକଲି–** ୧୮୬୦ ମସିହାରେ ଓ୍ୱାଇହୋର ଏକ ଛୋଟ ଗାଁରେ ଅଭାବ ଅନଟନ ଭିତରେ ବୁଡ଼ି ରହିଥାଏ ଗୋଟିଏ ପରିବାର। ସେହି ପରିବାରରେ ଜନ୍ମଗ୍ରହଣ କରେ ଗୋଟିଏ ଶିଶୁ, ଆଦରରେ ତା’ର ନାମ ରଖାଯାଏ ଫିବି ଆନ ମୋସେଜ। କେହି କେବେ କଳ୍ପନା ମଧ୍ୟ କରି ନ ଥିବେ ଯେ, ଦିନେ ସେହି ଗାଉଁଲି ଝିଅଟି ବିଶ୍ୱର ଅନ୍ୟତମ କିମ୍ବଦନ୍ତୀ ସୁଟର୍ ଆନି ଓକଲି ଭାବରେ ଇତିହାସ ରଚିବ। ଫିବି ଆନ ମୋସେଜରୁ ଆନି ଓକଲିରେ ରୂପାନ୍ତରିତ ହେବାର କାହାଣୀ ଏହିପରି... !

ବାପାଙ୍କ ମୃତ୍ୟୁ ପରେ ପରିବାର ଯେତେବେଳେ ଭାଙ୍ଗି ପଡ଼ିଛି, ସେତେବେଳେ ମାତ୍ର ୮ବର୍ଷ ବୟସରେ ସେ ଧରିଥିଲେ ରାଇଫଲ। କ୍ଷୁଧାର୍ତ୍ତ ଆଠଜଣ ଭାଇଭଉଣୀଙ୍କ ମୁହଁକୁ ଚାହିଁ ସେ ଗୁଳି ଚଳାନ୍ତି– ଲକ୍ଷ୍ୟ ଗୋଟିଏ ଗୁଣ୍ଡୁଚିମୂଷା। ଗୁଳିଟି ସିଧା ବିଦ୍ଧ କରେ ଗୁଣ୍ଡୁଚିମୂଷାର ମୁଣ୍ଡରେ। ସେହି ଗୋଟିଏ ମାତ୍ର ପ୍ରୟାସ ତାଙ୍କର ଜୀବନର ଗତିପଥ ବଦଳାଇ ଦିଏ। ଶିକାର ହୋଇଯାଏ ତାଙ୍କର ଉପାର୍ଜନର ପଥ। କିଶୋରୀ ଆନି ଶିକାର କରୁଥିବା ପକ୍ଷୀ ଓ ଅନ୍ୟାନ୍ୟ ଛୋଟ ଛୋଟ ପ୍ରାଣୀ ବିକ୍ରି କରି ପରିବାରର ଆର୍ଥିକ ଅଭାବ ଦୂର କରିବା ପାଇଁ ଚେଷ୍ଟା କରି ଚାଲନ୍ତି। ଦରିଦ୍ର ଗ୍ରାମ୍ୟ ବାଳିକାର ଅପୂର୍ବ ଲକ୍ଷ୍ୟଭେଦର କାହାଣୀ ଧୀରେ ଧୀରେ ଚାରିଆଡ଼େ ପ୍ରଚାରିତ ହୁଏ। ୧୮୭୫ ମସିହାରେ ପାଖ ସହରକୁ ଆସନ୍ତି ପେସାଦାର ସୁଟର୍ ଫ୍ରାଙ୍କ ବଟଲର୍। ସେ ଘୋଷଣା କରନ୍ତି ଯେ ଯିଏ ତାଙ୍କୁ ହରାଇ ପାରିବ, ସେ ପୁରସ୍କାର ସ୍ୱରୂପ ପାଇବ ୧୦୦ ଡଲାର୍। ସେହି ଚ୍ୟାଲେଞ୍ଜ ଗ୍ରହଣ କରନ୍ତି ୧୫ ବର୍ଷ ବୟସ୍କା ଆନି। ଅସଂଖ୍ୟ ଲୋକଙ୍କର ଭିଡ଼ ସମ୍ମୁଖରେ ଗୋଟି ଗୋଟି କରି ୨୫ଟି ଟାର୍ଗେଟ୍‌କୁ ସଫଳତାର ସହ ବିଦ୍ଧ କରନ୍ତି ଆନି। ବଟଲର୍ ଗୋଟିଏ ମିସ୍ କରନ୍ତି। ବଟଲର୍ ଚ୍ୟାଲେଞ୍ଜ ତ ହାରି ଯାଆନ୍ତି ତା’ସହିତ ହୃଦୟ ମଧ୍ୟ ହରାଇ ବସନ୍ତି, ଯାହା ପରବର୍ତ୍ତୀ ସମୟରେ ବିବାହର ରୂପ ନିଏ। ୧୮୮୫ରେ ଆନି ଯୋଗ ଦିଅନ୍ତି ‘ବାଫେଲୋ ବିଲ୍‌ଙ୍କର ଓ୍ୱାଇଲ୍ଡ ଓ୍ୱେଷ୍ଟ ଶୋ’ରେ। ସେହିଠାରୁ ଆରମ୍ଭ ହୁଏ ତାଙ୍କର ଆନ୍ତର୍ଜାତୀୟ ଅଭିଯାନ। ଶୂନ୍ୟକୁ ଫୋପଡ଼ା ଯାଇଥିବା ମୁଦ୍ରାକୁ ଲକ୍ଷ୍ୟ କରି ସୁଟ କରିବା, ଦର୍ପଣକୁ ଦେଖି ପଛରେ ଥିବା ଲକ୍ଷ୍ୟକୁ ଭେଦ କରିବା, ଗୋଟିଏ ପରେ ଗୋଟିଏ କାଚ ଗୋଲିକୁ ସୁଟ୍ କରିବା– ତାଙ୍କର ଏସବୁ ଅପୂର୍ବ ଦକ୍ଷତା ଦେଖି ଦର୍ଶକ ବିସ୍ମିତ ହୁଅନ୍ତି। ଦିନେ ୫୦୦୦ କାଚ ଗୋଲି ମଧ୍ୟରୁ ୪୭୭୨ଟି ଗୋଲିକୁ ସୁଟ୍ କରି ବିରଳ କୃତିତ୍ୱ ଅର୍ଜନ କରନ୍ତି ଆନି। ‘ଲୋକୋଟା ନେତା ସିଟିଂ ବୁଲ’ ତାଙ୍କର ନାମ ଦିଅନ୍ତି– ଲିଟିଲ ଶିଓର୍ ସଟ୍। ସେହି ନାମ ପରବର୍ତ୍ତୀ କାଳରେ କିମ୍ବଦନ୍ତୀ ପାଲଟିଯାଏ। ତା’ପରେ ଆନି ୟୁରୋପ ଯାଇ ରାଣୀ ଭିକ୍ଟୋରିଆଙ୍କ ସମ୍ମୁଖରେ ତାଙ୍କର କୃତିତ୍ୱ ପ୍ରଦର୍ଶନ କରନ୍ତି। ଜର୍ମାନ ସମ୍ରାଟ କାଇଜର୍ ଭିଲହେଲ୍ମ ଦ୍ୱିତୀୟଙ୍କ ସମ୍ମୁଖରେ ସିଗାରେଟ ପାଉଁଶକୁ ଗୁଳି କରି ଉଡ଼ାଇ ଦେବାର କାହାଣୀ ଆଜି ମଧ୍ୟ ଆଲୋଚିତ ହୋଇଥାଏ। ୧୮୯୪ ମସିହାରେ ଟମାସ ଏଡିସନ ଆନିଙ୍କର ଶୁଟିଂର ଭିଡିଓ କରନ୍ତି– ଯାହା ପ୍ରାଚୀନତମ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ଗୋଟିଏ ଭାବରେ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ଖ୍ୟାତି, ବିଶ୍ୱଭ୍ରମଣ ସବୁକିଛି ଆସିଛି ତାଙ୍କ ଜୀବନରେ, ଠିକ୍ ସେହି ସମୟରେ ଯେଉଁ ସମୟରେ ନାରୀମାନେ ଭୋଟ ଦେବାର ଅଧିକାର ମଧ୍ୟ ପାଇ ନ ଥିଲେ।

ଆନି କିନ୍ତୁ କେବଳ ଏତିକିରେ ସନ୍ତୁଷ୍ଟ ନ ଥିଲେ । ସେ ବିଶ୍ୱାସ କରୁଥିଲେ ଯେ ନାରୀମାନଙ୍କୁ ମଧ୍ୟ ଆତ୍ମରକ୍ଷା ପାଇଁ ଶିକ୍ଷା ଗ୍ରହଣ କରିବା ଉଚିତ । ଜୀବନକାଳ ଭିତରେ ସେ ହଜାର ହଜାର ନାରୀଙ୍କୁ ଶୁଟିଂ ଶିଖାଇଛନ୍ତି। ୧୮୯୮ ମସିହାରେ ଯୁଦ୍ଧ ସମୟରେ ପ୍ରେସିଡେଣ୍ଟ ଉଇଲିଅମ ମ୍ୟାକ୍‌କିନଲିଙ୍କୁ ଚିଠି ଲେଖି ନାରୀ ସାର୍ପ ଶୁଟର୍ ବାହିନୀ ଗଠନ କରିବାର ପ୍ରସ୍ତାବ ଦିଅନ୍ତି। ତାଙ୍କର ପ୍ରସ୍ତାବ ହୁଏତ ଗୃହୀତ ହୋଇ ନ ଥିଲା କିନ୍ତୁ ତାଙ୍କର ଆତ୍ମବିଶ୍ୱାସ ଇତିହାସରେ ରେଖାଙ୍କିତ ହୋଇ ରହିଛି। ୧୯୦୧ ମସିହାରେ ଏକ ଭୟାବହ ରେଳ ଦୁର୍ଘଟଣାରେ ସେ ଗୁରୁତର ଆହତ ହୁଅନ୍ତି। ଏକାଧିକ ଅସ୍ତ୍ରୋପଚାର, ସାମୟିକ ପକ୍ଷାଘାତ– ସବୁକିଛି ଅତିକ୍ରମ କରି ପୁଣି ଫେରିଆସନ୍ତି। ୬୦ ବର୍ଷ ବୟସରେ ମଧ୍ୟ ହାତରେ ରାଇଫଲ ଧରି ଦର୍ଶକଙ୍କ ସମ୍ମୁଖରେ ଛିଡ଼ା ହୋଇଛନ୍ତି। ୧୯୨୬ ମସିହାରେ ତାଙ୍କର ମୃତ୍ୟୁ ହୁଏ। ସ୍ୱାମୀ ଫ୍ରାଙ୍କ ବଟଲର୍ ଯିଏ ଆଜୀବନ ତାଙ୍କର ସାଥୀ ହୋଇଥିଲେ ମାତ୍ର ୧୮ ଦିନ ପରେ ତାଙ୍କର ମଧ୍ୟ ମୃତ୍ୟୁ ହୁଏ। ଆନି ଓକଲିଙ୍କର କାହାଣୀ କେବଳ ଜଣେ ଶୁଟରଙ୍କ ଜୀବନ କାହାଣୀ ନୁହେଁ, ବରଂ ଜଣେ ଦରିଦ୍ର କିଶୋରୀଙ୍କର ସଂଘର୍ଷ, ଜଣେ ନାରୀର ଆତ୍ମପ୍ରତିଷ୍ଠା ଏବଂ ଏକ ଅପୂର୍ବ ସାହସିକତାର ଇତିହାସ। ସେ ପ୍ରମାଣ କରି ଯାଇଛନ୍ତି– ଗୋଟିଏ ଦରିଦ୍ର ପରିବାରରେ ନାରୀ ହୋଇ ଜନ୍ମଗ୍ରହଣ କଲେ, ଉଚ୍ଚତା ତାଙ୍କର ମାତ୍ର ୫ ଫୁଟ୍ ହେଲେ କ’ଣ ହେଲା, ଦକ୍ଷତା, ଅଧ୍ୟବସାୟ ଏବଂ ଆତ୍ମବିଶ୍ୱାସ ଥିଲେ ସମଗ୍ର ବିଶ୍ୱ ଜଣେ ନାରୀ ପାଇଁ ମଞ୍ଚ ହୋଇପାରେ। ତେଣୁ ‘ଲିଟିଲ ଶିଓର୍ ଶଟ୍‌ସ’– ନାମଟି ଆଜି ମଧ୍ୟ କେବଳ ଗୋଟିଏ ଉପାଧି ନୁହେଁ , ଏକ ଅବିଚଳ ଲକ୍ଷ୍ୟର ପ୍ରତୀକ।

**ପ୍ରଥମ ମହିଳା ରାଷ୍ଟ୍ରଦୂତ: ମୁଥାମ୍ମା–**୧୯୨୪ ମସିହାରେ କର୍ନାଟକର କୁର୍ଗ ଜିଲାର ବିରାଜପେଟ ସହରରେ ଜନ୍ମଗ୍ରହଣ କରିଥିବା ଝିଅଟି ବାଲ୍ୟାବସ୍ଥାରେ ହିଁ ତାଙ୍କ ଫରେଷ୍ଟ ଅଫିସର ବାପାଙ୍କୁ ହରାନ୍ତି । ସେଣ୍ଟ ଜୋଶେଫ ସ୍କୁଲରୁ ପାଠ ଶେଷ କରିବା ପରେ ନାମ ଲେଖାନ୍ତି ମାନ୍ଦ୍ରାଜର ଓମେନ୍‌ସ ଖ୍ରୀଷ୍ଟିଆନ କଲେଜରେ। ଅତି ଭଲ ନମ୍ବର ରଖି ଗ୍ରାଜୁଏଟ ହେବା ପରେ ମାନ୍ଦ୍ରାଜ ପ୍ରେସିଡେନ୍ସି କଲେଜରୁ ଇଂଲିଶରେ ମାଷ୍ଟର୍ସ ଡିଗ୍ରୀ ହାସଲ କରନ୍ତି । ପ୍ରଥମ ମହିଳା ଭାବରେ ଯେତେବେଳେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ଦେଶ ସେତେବେଳେ ସ୍ୱାଧୀନତା ହାସଲ କରିବାର ମାତ୍ର ଗୋଟିଏ ବର୍ଷ ଅତିବାହିତ ହୋଇଛି । ଇଣ୍ଟରଭ୍ୟୁରେ ଯେତେବେଳେ ପ୍ରକାଶ କଲେ ଯେ ସେ ଫରେନ ସର୍ଭିସରେ ଯୋଗ ଦେବାକୁ ଇଚ୍ଛୁକ, ବୋର୍ଡର ସଦସ୍ୟମାନେ ନଟ୍ ସୁଇଟେବଲ ଫର ଓମେନ ବୋଲି ତାଙ୍କର ଅନୁରୋଧକୁ ନାକଚ କରିଦେଲେ ।

ଯୁବତୀଜଣକ କିନ୍ତୁ ହାର ମାନିଲେ ନାହିଁ । ନିଜର ଦାବି ସପକ୍ଷରେ କ୍ରମାଗତ ଦରଖାସ୍ତ ପରେ ଦରଖାସ୍ତ ଦେବାକୁ ଲାଗିଲେ । ଶେଷରେ ୧୯୪୯ ମସିହାରେ ସେ ଇଣ୍ଡିଆନ ଫରେନ ସର୍ଭିସରେ ନିଯୁକ୍ତି ପାଇଲେ। ଭାରତବର୍ଷର ପ୍ରଥମ ମହିଳା ଫରେନ ସର୍ଭିସ ଅଫିସର୍ ହୋଇ ଇତିହାସ ରଚିଲେ କୋଡାଭା ସମ୍ପ୍ରଦାୟର ଜଣେ କନ୍ନଡ଼ ଯୁବତୀ – ଚୋନିରା ବେଲିୟାପ୍ପା ମୁଥାମ୍ମା । ତେବେ ବୈଦେଶିକ ମନ୍ତ୍ରଣାଳୟ ଏକ ବିଚିତ୍ର ସର୍ତ୍ତ ସହ ତାଙ୍କୁ ନିଯୁକ୍ତି ଦେଇଥିଲେ । ସର୍ତ୍ତ ଥିଲା ବିବାହ କଲେ ତାଙ୍କୁ ତାଙ୍କ ପଦରୁ ଇସ୍ତଫା ଦେବାକୁ ପଡିବ । ଅବଶ୍ୟ ଦୁଇ ବର୍ଷ ପରେ ସେହି ସର୍ତ୍ତ ପ୍ରତ୍ୟାହୃତ ହୋଇଥିଲା । ତା’ ପରେ ତିନି ତିନୋଟି ଦଶକ ଅତିକ୍ରମ କରିଯାଇଛି । ଏସିଆ, ଆଫ୍ରିକା ଏବଂ ୟୁରୋପର ବିଭିନ୍ନ ଦେଶର ଭାରତୀୟ ଦୂତାବାସରେ ମୁଥାମ୍ମା ନାନା ଦାୟିତ୍ୱ ସମ୍ଭାଳିଛନ୍ତି । କିନ୍ତୁ ତଥାପି ରାଷ୍ଟ୍ରଦୂତର ଆସନ ଅଧୁରା ହୋଇ ରହି ଯାଇଥିଲା ତାଙ୍କ ପାଇଁ । ଅନେକ

→



ଗ୍ରାଜିଆ ଡେଲଡା



ଆନି ଓକଲି

ଆବେଦନ ନିବେଦନ ପରେ ମଧ୍ୟ ଯେତେବେଳେ ସବୁ ରାସ୍ତା ବନ୍ଦ ହୋଇଯାଇଥିଲା, ମୁଥାମ୍ମା ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। କେନ୍ଦ୍ର ସରକାରଙ୍କ ବିରୋଧରେ ଆଣିଥିବା ଏକ ପିଟିଶନ ମାଧ୍ୟମରେ ଅଭିଯୋଗ କଲେ ଯେ, କର୍ତ୍ତବ୍ୟନିଷ୍ଠ ହେବା ସତ୍ତ୍ୱେ କେବଳ ମହିଳା ହୋଇଥିବାରୁ ତାଙ୍କ ପ୍ରତି ଅବିଚାର କରାଯାଉଛି । ସୁପ୍ରିମକୋର୍ଟରେ ଚାଲିଲା ଏକ ବିଚିତ୍ର ମାମଲା । ସରକାରଙ୍କ ପକ୍ଷରୁ ତତ୍କାଳୀନ ସଲିସିଟର୍ ଜେନେରାଲ ସୋଲି ସୋରାବଜୀ ଯୁକ୍ତି ଉପସ୍ଥାପନ କଲେ ଯେ, ମହିଳା ରାଷ୍ଟ୍ରଦୂତ ବିବାହ କଲେ ସରକାରଙ୍କ ଗୋପନ କୂଟନୈତିକ ଅବସ୍ଥାନ ପ୍ରକାଶ ପାଇଯିବାର ସମ୍ଭାବନା ରହିଛି । ଉତ୍ତରରେ ବିଚାରପତି କୃଷ୍ଣ ଆୟାର୍ ତୀର୍ଯ୍ୟକ ମନ୍ତବ୍ୟ ଦେଇ ଜାଣିବାକୁ ଚାହିଁଥିଲେ, ପୁରୁଷ କୂଟନୀତିଜ୍ଞଙ୍କ କ୍ଷେତ୍ରରେ ତାହାହେଲେ କିଭଳି ଭାବରେ ତଥ୍ୟ ଗୋପନ ରଖାଯାଇଥାଏ ? ଆଦେଶ ଜାରି କରି ସୁପ୍ରିମକୋର୍ଟର ଡିଭିଜନ ବେଞ୍ଚ ଅବିଳମ୍ବେ ସରକାରଙ୍କର ସଂଶ୍ଳିଷ୍ଟ ସର୍ଭିସ ରୁଲ୍ସ ବଦଳାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯୁଗାନ୍ତକାରୀ ଏହି ରାୟ ଫଳରେ କେବଳ ମୁଥାମ୍ମା ବିଜୟୀ ହେଲେ ନାହିଁ ନାରୀଶକ୍ତିର ମଧ୍ୟ ବିଜୟ ହୋଇଥିଲା।

ଶେଷରେ ୧୯୭୯ ମସିହାରେ ବୈଦେଶିକ ମନ୍ତ୍ରଣାଳୟର ଗୋଟିଏ ଆଦେଶରେ ଚାକିରି କରିବାର ତିରିଶ ବର୍ଷ ପରେ ମୁଥାମ୍ମା ପ୍ରଥମ ମହିଳା ଆଇଏଫ୍ଏସ୍ ଅଫିସର ଭାବରେ ହଙ୍ଗେରୀର ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ ହୋଇଥିଲେ। ଏହା ପରେ ସେ ଘାନା, ନେଦରଲାଣ୍ଡର ରାଷ୍ଟ୍ରଦୂତ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୨ ମସିହାରେ ମୁଥାମ୍ମା ଅବସର ଗ୍ରହଣ କରିଥିଲେ କିନ୍ତୁ ତା' ପୂର୍ବରୁ ଭାଙ୍ଗି ଦେଇ ଯାଇଛନ୍ତି ନାରୀମାନଙ୍କ ପାଇଁ ନିଷିଦ୍ଧ ବନ୍ଦ କବାଟ। ଯାହାର ଫଳସ୍ୱରୂପ ପରବର୍ତ୍ତୀ କାଳରେ ଦେଶ ପାଇଁ କାର୍ଯ୍ୟ କରିଥିଲେ ଅରୁନ୍ଧତୀ ଘୋଷ, ବିଦିଶା ମୈତ୍ର, ଚୋକିଲା ଆୟାର ବା ନିରୁପମା ରାଓଙ୍କ ପରି ସଫଳ ମହିଳା କୂଟନୀତିଜ୍ଞ। ନାରୀ ବିଦ୍ୱେଷୀ ଏକ ସରକାରୀ ପ୍ରଥା ଭାଙ୍ଗିଥିବା ମହିଳା ଡିପ୍ଲୋମାଟ ସମସ୍ତ ଭାରତୀୟ ନାରୀମାନଙ୍କ ପାଇଁ ଗର୍ବ ଓ ଗୌରବ ଆଣିଦେଇ ଚିରସ୍ମରଣୀୟ ହୋଇ ରହିଛନ୍ତି ।

**ସମାଜର ନିନ୍ଦା ଅପମାନ ପରେ ବି ନୋବେଲ ବିଜୟୀ : ଗ୍ରାଜିଆ**

ତାଙ୍କୁ ବାରମ୍ବାର ତାଚ୍ଛଲ୍ୟ, ନିର୍ଯାତନା , ଅପମାନ, ଅବମାନନା ଏବଂ ଅଧିକାରରୁ ବଞ୍ଚିତ ହେବାକୁ ପଡ଼ିଥିଲା କାରଣ ସେ ଜଣେ ନାରୀ ବୋଲି । ସେ ହେଉଛନ୍ତି ଗ୍ରାଜିଆ ଡେଲଡା। ଗୋଟିଏ ଅନୁର୍ବର ପାହାଡ଼ିଆ ଗାଁ ନ୍ୟୁରୋ ସାର୍ଦିନିଆରେ ଜନ୍ମଗ୍ରହଣ କରିଥିଲେ, ତାହା ଏଭଳି ଏକ ଅଞ୍ଚଳ ଯେଉଁଠାରେ ଝିଅମାନଙ୍କୁ ଘରକାମ କରିବା ତ ଶିଖା ଯାଉଥିଲା କିନ୍ତୁ ସ୍ୱପ୍ନ ଦେଖିବା ପାଇଁ ଅନୁମତି ନ ଥିଲା। ଯେତେବେଳେ ଗ୍ରାଜିଆଙ୍କ ବୟସ ମାତ୍ର ନଅ ବର୍ଷ ସେତେବେଳେ ତାଙ୍କୁ ସ୍କୁଲରୁ ବହିଷ୍କାର କରି ଦିଆଯାଇଥିଲା କାରଣ ସେଠାକାର ପ୍ରଚଳିତ ବ୍ୟବସ୍ଥା ଅନୁସାରେ ଶିକ୍ଷା ଝିଅମାନଙ୍କ ପାଇଁ ଅନାବଶ୍ୟକ। ମାତ୍ର ଗ୍ରାଜିଆ ଏହାକୁ ମାନିବାକୁ ପ୍ରସ୍ତୁତ ନ ଥିଲେ। ସେ ଗୋପନରେ ପଢ଼ିବାକୁ ଲାଗିଲେ– ଧାର କରି ବହି ଆଣି ତାଙ୍କର ପଢ଼ିବାର ଇଚ୍ଛାକୁ ପୂରଣ କରୁଥିଲେ। ସମସ୍ତଙ୍କୁ ଚକିତ କରିଦେଇ ସଦ୍ୟ ଯୌବନରେ ପାଦ ଥାପିଥିବା ଗ୍ରାଜିଆଙ୍କ ରଚିତ ଗଳ୍ପ ଗୋଟିଏ ପତ୍ରିକାରେ ପ୍ରକାଶିତ ହୋଇଥିଲା। ଯଦିଓ ତାହା ତାଙ୍କ ପାଇଁ ଥିଲା ପରମ ଆନନ୍ଦର ବିଷୟ କିନ୍ତୁ ଗ୍ରାମବାସୀଙ୍କ ପାଇଁ ତାହା ଥିଲା କଳଙ୍କ। ଜଣେ ନାରୀ, ସେ ପୁଣି ଲେଖିବ ? କି ଲଜ୍ଜାଜନକ। ପଡ଼ୋଶୀ ଫୁସୁରଫାସର ହେବାକୁ ଲାଗିଲେ। ଧର୍ମଗୁରୁ ଏହାକୁ ଧର୍ମ ବିରୋଧୀ ବୋଲି ନିନ୍ଦା କଲେ। ଏପରିକି ଗ୍ରାଜିଆଙ୍କ ପରିବାରର ସଦସ୍ୟମାନେ ମଧ୍ୟ ଲଜ୍ଜା ଅନୁଭବ କଲେ। ସମସ୍ତଙ୍କ ବିଚାରରେ ଜଣେ ନାରୀର ସ୍ଥାନ ରୋଷେଇ ଘରେ, କାଗଜର ପୃଷ୍ଠାରେ ନୁହେଁ। କିନ୍ତୁ ଗ୍ରାଜିଆ ଥିଲେ ଭିନ୍ନ ଉପାଦାନରେ ଗଢା ଜଣେ ଯୁବତୀ। ରାତିରେ ପରିବାରର ଅନ୍ୟ ସମସ୍ତେ ଶୋଇ ପଡ଼ିବା ପରେ, ଲୁଚି ଲୁଚି ଲେଖୁଥିଲେ। ତାଙ୍କ ଲେଖାରେ ଗୋଟିଏ ପ୍ରଚଣ୍ଡ ସ୍ୱର ପ୍ରକାଶ ପାଇବାକୁ ଲାଗିଲା ।



ଚୋକିରା ବେଲିୟାପ୍ପା ମୁଥାମ୍ମା



ଡାକ୍ତର ଶିବରଞ୍ଜନୀ ସନ୍ତୋଷ



ଆନ୍ନା ମଣି

କିଛି ବର୍ଷ ପରେ ସେ ତାଙ୍କର ପ୍ରେମିକ ପାଲମିରୋ ମେଡସନି ଯାହାଙ୍କୁ ସେ ପୃଥିବୀର ଜଣେ ଭିନ୍ନ ମଣିଷ ବୋଲି ଭାବୁଥିଲେ, ତାଙ୍କ ସହ ରୋମ ଚାଲିଗଲେ। ପାଲମିରୋ କେବଳ ତାଙ୍କର ପ୍ରେମିକ ବା ସ୍ୱାମୀ ନ ଥିଲେ, ସେ ଥିଲେ ଗ୍ରାଜିଆଙ୍କର ବନ୍ଧୁ ଏବଂ ପ୍ରେରଣାଦାତା । ଜଣେ ନାରୀ ହୋଇ ଲେଖାଲେଖି କରୁଥିବାରୁ ଯେତେବେଳେ ସମସ୍ତେ ତାଙ୍କୁ ବିଦ୍ରୂପ କରୁଥିଲେ, ସ୍ୱାମୀ ପାଲମିରୋ ଏକମାତ୍ର ବ୍ୟକ୍ତି ଭାବରେ ସ୍ତ୍ରୀଙ୍କର ଲେଖାଲେଖି ପାଇଁ ଗର୍ବ ଅନୁଭବ କରୁଥିଲେ। ଗ୍ରାଜିଆ ସମାଜର ଅବହେଳିତ ନିର୍ଯ୍ୟାତିତ ନାରୀମାନଙ୍କ କଥା ହିଁ ଲେଖିବାକୁ ଲାଗିଲେ, ଯେଉଁ ପଛଭୂମିରେ ସେ ବଢ଼ି ଆସିଥିଲେ ସେହି ସାମାଜିକ ପଛଭୂମି ତାଙ୍କ ଲେଖନୀର ଆଧାର ହେଲା। ସମୟ ଆସିଲା ସମଗ୍ର ବିଶ୍ୱବାସୀ ଗ୍ରାଜିଆଙ୍କ ସ୍ୱର ଶୁଣିବାକୁ ବାଧ୍ୟ ହେଲେ। ଶେଷରେ ୧୯୨୬ ମସିହାରେ ସାର୍ଦିନିଆର ସେହି ବଞ୍ଚିତା ଛୋଟ ଝିଅ ଗ୍ରାଜିଆ  ନ୍ୟୁନତମ ଶିକ୍ଷାଗତ ଯୋଗ୍ୟତା ସତ୍ତ୍ୱେ ମଧ୍ୟ ଯିଏ ମଣିଷର କଥା ବିଶେଷତଃ ନାରୀମାନଙ୍କର ଅକୁହା ବେଦନାର କଥାକୁ ଲିପିବଦ୍ଧ କରି ଯାଇଥିଲେ, ସେ ଇଟାଲୀର ପ୍ରଥମ ମହିଳା ଭାବରେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ସବୁଠାରୁ ସୁନ୍ଦର ଦୃଶ୍ୟ ବିଶ୍ୱବାସୀ ଦେଖିବାକୁ ପାଇଥିଲେ ଯେତେବେଳେ ଗ୍ରାଜିଆ ନୋବେଲ ପୁରସ୍କାର ଗ୍ରହଣ କରିବା ପାଇଁ ମଞ୍ଚ ଉପରକୁ ଯାଇଥିଲେ, ସେତେବେଳେ ଗ୍ରାଜିଆ ଏକା ମଞ୍ଚ ଉପରକୁ ଯାଇ ନ ଥିଲେ, ତାଙ୍କ ହାତରେ ହାତ ଛନ୍ଦି ସାଥିରେ ଯାଇଥିଲେ ସ୍ୱାମୀ ପାଲମିରୋ ଯିଏକି ସମସ୍ତେ ନାରୀ ଭାବରେ ଗାଳ୍ପିକଙ୍କ ଲେଖିବାକୁ ବିରୋଧ କରୁଥିବା ବେଳେ ଏକା ଏକା ସମାଜର ନାଲି ଆଖିକୁ ଅବଜ୍ଞା କରି ଗ୍ରାଜିଆଙ୍କୁ ଲେଖିବା ପାଇଁ ଉତ୍ସାହିତ କରୁଥିଲେ। La Madre ଙ୍କ ପୁସ୍ତକ: The woman and the Priest ରେ ଲେଖାଯାଇଛି... Thank you  Grazia
For teaching us that being a woman is not a weakness.
It is a light that writes itself into history.

**ଶିଶୁମାନଙ୍କର ଭବିଷ୍ୟତ ନିଶ୍ଚିତ କରିଥିବା ଡାକ୍ତର ଶିବରଞ୍ଜନୀ ସନ୍ତୋଷ–** ଏକା ଏକା ଜଣେ ମହିଳା ଡାକ୍ତର ଦୀର୍ଘ ଆଠବର୍ଷ କ୍ରମାଗତ ଭାବରେ ଲଢ଼ିଛନ୍ତି 'ଓଆର୍ଏସ୍' ଶବ୍ଦଟିର ଅପବ୍ୟବହାର ବିରୋଧରେ। ତାଙ୍କର ନାମ ଡାକ୍ତର ଶିବରଞ୍ଜନୀ ସନ୍ତୋଷ, ହାଇଦ୍ରାବାଦର ଜଣେ ଶିଶୁ ରୋଗ ବିଶେଷଜ୍ଞ। ବଜାରରେ ଯେଉଁ ଚିନି ଓ ଫ୍ଲେଭର୍ ମିଶ୍ରିତ ପାନୀୟ  'ଓଆର୍ଏସ୍'ନାମରେ ବିକ୍ରି ହେଉଥିଲା, ସେସବୁ ଅସଲରେ ଶିଶୁମାନଙ୍କ ପାଇଁ ଥିଲା ଭୟଙ୍କର କ୍ଷତିକାରକ ଏକ ଧରଣର ପାନୀୟ। ଏକଥା ତାଙ୍କର ହୃଦବୋଧ ହେବା ପରେ ସେ ଆଉ ଚୁପ ହୋଇ ରହିପାରି ନ ଥିଲେ । ଅଦାଲତର ଆଶ୍ରୟ ନେଇଥିଲେ। ଦୀର୍ଘ ଆଠବର୍ଷ ଲଢ଼େଇ କରିବା ପରେ ତାଙ୍କର ବିଜୟ ହୋଇଥିଲା। ଭାରତର Food Safety and Standards Authority (FSSAI) ଘୋଷଣା କରିଥିଲେ– କୌଣସି ପାନୀୟ କମ୍ପାନୀ ଆଉ 'ଓଆର୍ଏସ୍'ଶବ୍ଦ ବ୍ୟବହାର କରି ପାରିବେ ନାହିଁ, ଯଦି ତାହା ଡବ୍ଲ୍ୟୁଏଚ୍ଓ ଦ୍ୱାରା ଅନୁମୋଦିତ ଫର୍ମୁଲା ଅନୁସାରେ ପ୍ରସ୍ତୁତ ହୋଇ ନ ଥିବ। ପାନୀୟ କମ୍ପାନୀମାନଙ୍କର ନାଲି ଆଖିକୁ ନ ଡରି ଜଣେ ନାରୀଙ୍କର, ଗୋଟିଏ ମାତ୍ର ସତ୍ୟ ଏବଂ ଅଗାଧ ସାହସ ସମ୍ପ୍ରତି ବଦଳାଇ ଦେଇଛି କୋଟି କୋଟି ଶିଶୁଙ୍କର ଭବିଷ୍ୟତ। ସେ କହିଥିଲେ – ମୁଁ ଏହି ସଂଘର୍ଷ ନିଜର ସନ୍ତାନ ପାଇଁ ଆରମ୍ଭ କରିଥିଲି। ପରେ ବୁଝି ପାରିଥିଲି ଯେ ମୋର ସଂଘର୍ଷ ଦେଶର ପ୍ରତିଟି ଶିଶୁଙ୍କ ପାଇଁ ଥିଲା। ଡାକ୍ତର ଶିବରଞ୍ଜନୀ ସନ୍ତୋଷ ପ୍ରମାଣ କରିଦେଇ ଯାଇଛନ୍ତି ଯେ ଯେତେବେଳେ ଜଣେ ନାରୀ ଠିକ୍ ପଥରେ ଛିଡ଼ା ହୁଅନ୍ତି, ସମଗ୍ର ଦେଶ ବଦଳି ଯାଏ ।

**ଭାରତର ପାଣିପାଗ ଓ ପରିବେଶ ନାରୀ : ଆନ୍ନା ମଣି**

ଆପଣମାନେ ନିଶ୍ଚୟ ଜାଣନ୍ତି ଯେ, ଶୂନ୍ୟ ଆବିଷ୍କାରଠାରୁ ଆରମ୍ଭ କରି ଚନ୍ଦ୍ର ପୃଷ୍ଠରେ ଜଳ ଆବିଷ୍କାର ପର୍ଯ୍ୟନ୍ତ, ଭାରତୀୟ ବିଜ୍ଞାନୀମାନେ ହିଁ କରିଛନ୍ତି। କିନ୍ତୁ ଆପଣମାନେ କ'ଣ ଜାଣିଛନ୍ତି ଯେ, ଭାରତ ପାଣିପାଗ ଏବଂ ପରିବେଶ ବିଦ୍ୟା କ୍ଷେତ୍ରରେ ମଧ୍ୟ ନାରୀମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ! ଭାରତର ପାଣିପାଗ ଓ ପରିବେଶ ନାରୀ ନାମରେ ପରିଚିତ ଆନ୍ନା ମଣି ତାହାର ଉତ୍କୃଷ୍ଟ ଏବଂ ଜୀବନ୍ତ ଉଦାହରଣ। ସେ ପାଣିପାଗ ଏବଂ ପରିବେଶ ବିଦ୍ୟା କ୍ଷେତ୍ରରେ ଭାରତକୁ ସ୍ୱାବଲମ୍ବୀ କରି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। ପାଣିପାଗ ପର୍ଯ୍ୟବେକ୍ଷଣ ସରଞ୍ଜାମର ନକ୍ସାରେ ଆନ୍ନା ମଣିଙ୍କର ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଯୋଗୁ ଭାରତ ଆଜି ପାଣିପାଗର ପୂର୍ବାନୁମାନ କରିବାରେ, ପରିମାପ କରିବାରେ ଏବଂ ଠିକ୍ ଭାବରେ ଭବିଷ୍ୟବାଣୀ କରିବାରେ ସକ୍ଷମ ହୋଇ ପାରିଛି। ୧୯୧୮ ମସିହା ଅଗଷ୍ଟ ୨୩ ତାରିଖରେ ଜନ୍ମଗ୍ରହଣ କରିଥିବା ଆନ୍ନା ମଣି ପ୍ରଥମେ ଡାକ୍ତର ହେବାକୁ ଚାହିଁଥିଲେ, ତେବେ ପଦାର୍ଥବିଦ୍ୟା ପ୍ରତି ବେଶି ଆଗ୍ରହୀ ଥିବାରୁ ସେ ମାନ୍ଦ୍ରାଜର ପ୍ରେସିଡେନ୍ସି କଲେଜରୁ ପଦାର୍ଥବିଦ୍ୟା ଏବଂ ରସାୟନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତା'ପରେ ଉଚ୍ଚତର ଶିକ୍ଷା ଓ ଗବେଷଣା ପାଇଁ ୧୯୪୫ ମସିହାରେ ଲଣ୍ଡନର ଇମ୍ପେରିଆଲ କଲେଜକୁ ଯାଇଥିଲେ। ସେଠାରେ ପାଣିପାଗ ସଂକ୍ରାନ୍ତ ଯନ୍ତ୍ର ବିଷୟରେ ଦକ୍ଷତା ଅର୍ଜନ କରନ୍ତି। ୧୯୪୮ ମସିହାରେ ଭାରତକୁ ଫେରି ଆସିବା ପରେ ଆନ୍ନା ମଣି ପାଣିପାଗ ଓ ପରିବେଶ ବିଭାଗରେ କାର୍ଯ୍ୟ କରନ୍ତି। ସେ ପାଣିପାଗ ସମ୍ପର୍କିତ ଅନେକ ଗବେଷଣାମୂଳକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କର କୃତିତ୍ୱ ପାଇଁ, ୧୯୮୭ ମସିହାରେ ତାଙ୍କୁ କେ. ଆର. ରାମାନାଥନ ପଦକ ପ୍ରଦାନ କରାଯାଇଥିଲା। ଆନ୍ନା ମଣିଙ୍କ ଜୀବନ ଭାରତୀୟ ବିଜ୍ଞାନରେ ନାରୀର କ୍ଷମତାୟନର ପ୍ରତୀକ। ତାଙ୍କର ନିଷ୍ଠା ଏବଂ ଅବଦାନ ଏବେ ମଧ୍ୟ ଅନୁପ୍ରେରଣାର ଉତ୍ସ।

**–ପ୍ରଦୀପ କୁମାର ରାୟ**
ଭୁବନେଶ୍ୱର, ମୋ: ୯୪୩୭୫୩୪୭୭୩

# ନିଆଁ ସହ ଖେଳୁଥିବା ନାରୀ



ତାନିୟା ସନ୍ୟାଲ





ହର୍ଷିଣୀ କହ୍ନେକର





**ନି**ଆଁକୁ ଏମାନେ ଡରନ୍ତି ନାହିଁ। ବରଂ ନିଆଁ ସହ ଲଢନ୍ତି। କାରଣ ଏମାନେ ହେଉଛନ୍ତି ମହିଳା ଫାୟାର ଫାଇଟର୍ସ। ଖୁବ୍ ସାହସୀ ଓ ବେଶ୍ ପରିଶ୍ରମୀ। ହେଲେ ପ୍ରଥମେ ସମସ୍ତେ ଏମାନଙ୍କୁ ତାଚ୍ଛଲ୍ୟ କରୁଥିଲେ। କହୁଥିଲେ ଏହା ନାରୀଙ୍କ କାମ ନୁହେଁ। କିନ୍ତୁ ଏହି ମହିଳାମାନେ ନିଜର ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ବଳରେ ପ୍ରମାଣ କରିଦେଲେ ଯେ, ନାରୀମାନେ ପୁରୁଷଙ୍କଠାରୁ କମ୍ ନୁହନ୍ତି। ସେମାନେ ନିଜେ ନିଆଁ। ତେଣୁ ନିଆଁ ସହ ସେମାନେ ନିଶ୍ଚୟ ଲଢିପାରିବେ। ଆଉ ସେଇ ଜିଦ୍‌ରେ ସେମାନେ ଭାରତର ପ୍ରଥମ ମହିଳା ଫାୟାର ଫାଇଟର୍ ହେଲେ ଓ ନୂଆ ଦୃଷ୍ଟାନ୍ତ ସୃଷ୍ଟି କଲେ...

## ପ୍ରଥମ ମହିଳା ଫାୟାର ଫାଇଟର୍ – ହର୍ଷିନୀ କହ୍ନେକର


ମନରେ ଝୁଙ୍କ୍ ଥିଲା ହେବେ ଫାୟାର୍ ଫାଇଟର୍। ତେଣୁ ଲୋକଙ୍କ କଥାକୁ ଖାତିର କରି ନ ଥିଲେ। ବୟେଜ୍ କଲେଜ୍‌ରେ ପଢିବାଠାରୁ ଆରମ୍ଭ କରି, ତାଲିମ ସମୟରେ ପୁରୁଷଙ୍କ ଭଳି ସବୁ କଷ୍ଟକୁ ସହିଲେ। ଆଉ ଲେଖିଲେ ନୂଆ ଏକ ଇତିହାସ। ପାଲଟିଲେ ଭାରତର ପ୍ରଥମ ମହିଳା ଫାୟାର ଫାଇଟର୍। ସେ ହେଉଛନ୍ତି ହର୍ଷିନୀ କହ୍ନେକର। ମହାରାଷ୍ଟ୍ରର ନାଗପୁରରେ ଜନ୍ମିତ ହର୍ଷିନୀ କହ୍ନେକରଙ୍କର ଛୋଟବେଳୁ ଇଚ୍ଛା ଥିଲା ଆର୍ମଡ ଫୋର୍ସରେ ସାମିଲ ହେବେ। ସେଥିପାଇଁ ସେ ସ୍କୁଲରେ ପଢିବାବେଳେ ଏନ୍‌ସିସି ନେଇଥିଲେ। ବିଏସ୍‌ସି କରିବା ପରେ ଆର୍ମି କିମ୍ବା ଏୟାରଫୋର୍ସରେ ଯୋଗ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଥିଲେ। ହେଲେ ଭାଗ୍ୟରେ ଆଉ କିଛି ଲେଖାଥିଲା। ଏଇ ସମୟରେ ସେ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ତଥା ନାଗପୁରର ମିନିଷ୍ଟ୍ରି ଅଫ୍ ହୋମ ଆଫେୟାର୍ସ ଅନ୍ତର୍ଗତ ନ୍ୟାଶନାଲ ଫାୟାର ସର୍ଭିସ କଲେଜ ବିଷୟରେ ଜାଣିବାକୁ ପାଇଲେ। ଏଠାରେ ପଢିବାକୁ ତାଙ୍କର ମନ ବଳିଲା ଓ ସେ ବିଳମ୍ବ ନ କରି ଏହି କଲେଜରେ ଆଡମିଶନ୍ ପାଇଁ ଆପ୍ଲାଏ କଲେ। ଆପ୍ଲାଏ କରିଥିବା କଲେଜ କିଭଳି ତାହା ଦେଖିବା ଲାଗି ସେ ଓ ତାଙ୍କ ବାପା ସେହି କଲେଜକୁ ଯାଇଥିଲେ। ହର୍ଷିନୀ କୁହନ୍ତି, 'କଲେଜ ବହୁତ ସୁନ୍ଦର ଥିଲା। ହେଲେ ସେଠି ସମସ୍ତେ ଆମକୁ ଅଜବ ନଜରରେ ଚାହୁଁଥିଲେ। କାରଣ ତାହା ଥିଲା ଜେଣ୍ଟସ୍ କଲେଜ୍। ଝିଅ ହୋଇ ଏଠି ଆଡମିଶନ୍ ନ ନେବାକୁ ଅନେକେ ପରାମର୍ଶ ଦେଲେ। କହିଲେ ଏହା ପୁରୁଷଙ୍କ କାମ, ଝିଅମାନେ ପାରିବେନି। ତଥାପି ମୋ ନିଷ୍ପତ୍ତି ଥିଲା ଅଟଳ। ଆଡମିଶନ୍ ଫର୍ମ ପକାଇଲି। କଲେଜ୍ ଲିଷ୍ଟ ଘୋଷଣା ଦିନ ଜାଣିବାକୁ ପାଇଲି ମୋର ସିଲେକ୍ସନ ହୋଇଯାଇଛି। ସେହି କଲେଜର ଇତିହାସରେ ପ୍ରଥମ ଥର କୌଣସି ଝିଅର ନାଁ ସ୍ଥାନ ପାଇଲା। ହେଲେ ଆଡମିସନ୍ ପରେ ସମସ୍ୟା ବଢିଗଲା। କାରଣ ସେଠି ଲେଡିଜ ହଷ୍ଟେଲ ନ ଥିଲା। ମା'ବାପା ଚାହିଁଲେ ନାହିଁ ବୟେଜ ହଷ୍ଟେଲରେ ରହି ପଢିବାକୁ। ହେଲେ ମୁଁ ସେଇଠି ହିଁ ପଢିବି ବୋଲି ନିଷ୍ପତ୍ତି ନେଇ ସାରିଥାଏ। ଶେଷରେ କଲେଜ, ହୋମ୍ ମିନିଷ୍ଟ୍ରିର ସ୍ୱତନ୍ତ୍ର ପରମିଶନ୍ ଆଣିଲେ ଯେମିତିକି ମୁଁ କ୍ଲାସ ପରେ ଘରକୁ ଯାଇପାରିବି। ଏହାପରେ ପଢା ସହିତ ତାଲିମ ଆରମ୍ଭ ହୋଇଗଲା। ଝିଅ ବୋଲି ହୀନମନ୍ୟତାର ଶିକାର ହେଉଥିଲି। ଭାରି ଅଗ୍ନି ଲିଭା ଉପକରଣକୁ ଟେକି ତାଲିମ ନେବାବେଳେ କଷ୍ଟ ହେଉଥିଲା। ତଥାପି ପ୍ରାଣପଣେ କରୁଥିଲି। ଯେହେତୁ ମୋର ପ୍ରତିଟି କାର୍ଯ୍ୟକଳାପ ଆଗାମୀ ପିଢିର ଝିଅଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ। ତେଣୁ ସାଢେ ତିନି ବର୍ଷର କୋର୍ସରେ ଦିନେ ବି ଛୁଟି ନ ନେଇ, ବିଳମ୍ବରେ ନ ପହଞ୍ଚି ଉଭୟ ପଢା ଓ ତାଲିମ ସମ୍ପୂର୍ଣ୍ଣ କଲି। ତାସହ ତାଲିମ ବେଳେ ଟ୍ରକ ଚଳାଇବାଠୁ ଆରମ୍ଭ କରି ଘୋଡା ଚାଳନା ଶିଖିଲି। ୨୦୦୬ରେ ଗୁଜରାଟର ମେହଶାନା ଫାୟାର ଷ୍ଟେଶନ୍‌ରେ ଯୋଗ ଦେଲି। ୨୦୧୦ରେ ମୁମ୍ବାଇ ଡ୍ରିଲିଂ ସର୍ଭିସେସ୍‌କୁ ବଦଳି ହେଲା। ପରେ ଓଏନ୍‌ଜିସିରେ ଜଏନ୍ ହୋଇ ମେହଶାନା ଷ୍ଟେଶନ୍‌ରେ ପୋଷ୍ଟିଂ ହେଲା। ସେଠି ତିନୋଟି ଫାୟାର ଷ୍ଟେଶନ୍‌ର ଇନ୍ ଚାର୍ଜ ହେଲି। ଏବେ ମୁଁ ଫାୟାର ସର୍ଭିସେସ୍‌ର ଡେପୁଟି ମ୍ୟାନେଜର ଅଛି।' ହର୍ଷିନୀ ଅନେକ ଅଗ୍ନିକାଣ୍ଡରେ ପୁରୁଷଙ୍କ ଭଳି ଘଣ୍ଟା ଘଣ୍ଟା, ଏମିତିକି ଦୀର୍ଘ ୬ରୁ ଊର୍ଦ୍ଧ୍ୱ ଘଣ୍ଟା ଧରି ପରିଶ୍ରମ କରି ଲୋକଙ୍କୁ ଉଦ୍ଧାର କରିଛନ୍ତି। ଏହାବାଦ ସେ ବନ୍ୟା ହେଉକି ଧରାଶାୟୀ ବିଲ୍ଡିଂ ଅବା ବନ୍ୟଜନ୍ତୁ ଆକ୍ରମଣ ଘଟଣାରେ ଅନେକ ଲୋକଙ୍କୁ ଉଦ୍ଧାର କରିଛନ୍ତି। ତାଙ୍କର ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଭାରତର ପ୍ରଥମ ମହିଳା ଫାୟାର ଫାଇଟର୍ ଭାବେ ସମ୍ମାନିତ ବି କରିଛନ୍ତି।

## ପ୍ରଥମ ଏୟାରପୋର୍ଟ ଫାୟାର ଫାଇଟର୍ –ତାନିୟା ସନ୍ୟାଲ

ବିମାନକୁ ଲ୍ୟାଣ୍ଡ କରାଇବା ଲାଗି ଏୟାରପୋର୍ଟରେ ଫାୟାର ସର୍ଭିସ ଉପସ୍ଥିତ ରହିବା ବହୁତ ଜରୁରୀ। ଖାସ୍‌କରି ପୁରୁଷ ଫାୟାର ଫାଇଟର୍ ଏହି କାର୍ଯ୍ୟରେ ମୁତୟନ ହୋଇଥାନ୍ତି। କାରଣ ଏହା ଏକ ପୁରୁଷ ପ୍ରାଧାନ୍ୟ କାର୍ଯ୍ୟ ବୋଲି ଧରାଯାଏ। ହେଲେ ଏହି ଧାରାରେ ପରିବର୍ତ୍ତନ ଆଣିଛନ୍ତି କୋଲକାତାର ତାନିୟା ସନ୍ୟାଲ। ବିମାନବନ୍ଦରରେ ପ୍ରଥମ ମହିଳା ଫାୟାର ଫାଇଟର୍ ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି। ଅର୍ଥାତ୍ ପ୍ରଥମ ଥର ପାଇଁ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ କୌଣସି ମହିଳା ଫାୟାର ଫାଇଟର୍‌ଙ୍କୁ ନିଯୁକ୍ତି ଦେଇଛନ୍ତି। ୨୦୧୮ରେ ତାନ୍ୟା ଏଏଆଇରେ ଯୋଗ ଦେଇଥିଲେ। ତାନିୟା କୁହନ୍ତି, 'ବଟାନୀରେ ସ୍ନାତକୋତ୍ତର କରି ସାରିଥାଏ। ଦିନେ ଖବର କାଗଜରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆର ଫାୟାର ଫାଇଟର୍ ପାଇଁ ନିଯୁକ୍ତିର ବିଜ୍ଞାପନ ଦେଖିଲି। ସେଥିରେ ଥିବା ସବୁ କ୍ରାଇଟେରିଆ ମୋ ଦ୍ୱାରା ଫୁଲଫିଲ୍ ହେଉଥିଲା। ତେଣୁ ଭାବିଲି ଆପ୍ଲାଏ କରିବି। ଆପ୍ଲାଏ କରି ପ୍ରଥମ କିଛି ଲେଭେଲର ସ୍କ୍ରିନିଂରେ ପାସ୍ ହୋଇଗଲି। ଏହାପରେ ମୁଁ ନିଶ୍ଚିତ ହୋଇଗଲି ଯେ, ଏହା ହିଁ ମୋ ଭାଗ୍ୟ। ପରେ ମତେ ମେଡିକାଲ ଚେକ୍ ଓ ଫିଜିକାଲ ଆସେସମେଣ୍ଟ ପାଇଁ ଭୁବନେଶ୍ୱର ଯିବାକୁ ପଡ଼ିଲା। ଘରେ ବହୁତ ସପୋର୍ଟ କଲେ। ସବୁଥିରେ ସଫଳତାର ସହ ଆଗେଇଲି। ତାଲିମ ବହୁତ କଠିନ ଥିଲା। ଏଭିଏସନ୍ ଫାୟାର ଅର୍ଥାତ୍ ଏୟାରପୋର୍ଟ ଅବା ଏୟାରକ୍ରାଫ୍ଟରେ ଅଗ୍ନିକାଣ୍ଡବେଳେ ଅଗ୍ନିକୁ ଖୁବ୍ କମ୍ ସମୟରେ ନିୟନ୍ତ୍ରଣ କରିବାକୁ ହୁଏ। ସେଥିପାଇଁ ଖାସ୍ ତାଲିମ ଓ ସ୍ୱତନ୍ତ୍ର ଦକ୍ଷତାର ଶିକ୍ଷା ଦିଆଯାଏ। ସେସବୁକୁ ସଫଳତାର ସହ ଶିଖିଲି। ଏୟାରପୋର୍ଟ ଅଥରିଟିଙ୍କ ସବୁ କଠିନ ମାପଦଣ୍ଡରେ ଉତ୍ତୀର୍ଣ୍ଣ ହୋଇ ଦେଶର ପ୍ରଥମ ମହିଳା ଫାୟାର ଫାଇଟର ହେବାର ସୌଭାଗ୍ୟପ୍ରାପ୍ତ କଲି।' ତେବେ ତାନିୟା ଯେତେବେଳେ ଫାୟାର ଫାଇଟର୍ ପାଇଁ ତାଲିମ ନେଉଥିଲେ ସେତେବେଳେ ତାଙ୍କୁ ବି ଅନେକ କଥା ଶୁଣିବାକୁ ପଡ଼ିଥିଲା। ଲୋକ କହୁଥିଲେ ଏହା ଝିଅମାନଙ୍କ କାମ ନୁହେଁ। ହେଲେ ତାନିୟା ପୁରୁଷପ୍ରାଧାନ୍ୟ ଏହି କ୍ଷେତ୍ରରେ କୀର୍ତ୍ତିମାନ ସ୍ଥାପନ କରି ଏହା ଦେଖେଇଦେଲେ ଯେ, ନାରୀ ପୁରୁଷଙ୍କଠାରୁ କମ୍ ନୁହନ୍ତି।

–ଶିବାନୀ

# କବିତା : ଜୀବନ ଜିଇବାର ନୀରବ ଆଳାପ



ପ୍ରେମରେ ଦାସତ୍ୱ ସ୍ୱୀକାର କରିବାରେ ଥାଏ ଏକ ଅପୂର୍ବ ଆନନ୍ଦ । ତାହା କେବେ ଝରଝର ଝରିଯାଏ କବିତାରେ ତ ପୁଣି କେବେ ମଧୁର ମହକରେ ମହମହ ଚହଟୁଥାଏ । ଆଉ ପ୍ରକାଶ ପାଇଲେ ଆକାଶଭରି ଉଲ୍ଲାସରେ ଉଲ୍ଲସିତ ହୁଏ ହୃଦୟ । ନିଜ ଅନ୍ତରର ଅକୁହା କଥାର ବ୍ୟଥା, ବ୍ୟାକୁଳତାକୁ ଅଳ୍ପଅଳ୍ପରେ ବ୍ୟକ୍ତ କରିବା କଳାରେ ସେ ସିଦ୍ଧହସ୍ତ । କଲମ ଚାଳନାରେ ସେ ସୃଷ୍ଟି କରିଛନ୍ତି ନ'ଅଗୋଟି କବିତା ସଂକଳନ, ଯାହା କେବଳ ପ୍ରେମ-ପ୍ରଣୟର କଥା କୁହେ...




ପ୍ରେମରେ ଦାସତ୍ୱ ସ୍ୱୀକାର କରିବାରେ ଥାଏ ଏକ ଛଳଛଳ ଅଦ୍ଭୁତ ଉଲ୍ଲାସ । ସ୍ୱତଃସ୍ଫୂର୍ତ୍ତ ଆବେଗ ହିଁ ପ୍ରେମରେ ପ୍ରକାଶ ପାଏ । ତାହା କେବେ ଝରଝର ଝରିଯାଏ କବିତାରେ, ପୁଣି କେବେ ରଜନୀଗନ୍ଧାର ସୁବାସରେ ତ ଆଉ କେବେ ଋତୁ ମହ୍ଲାରର ମଧୁର ମହକରେ ମହମହ ଚହଟୁଥାଏ । ଅନ୍ତରର ବ୍ୟଥା ପ୍ରକାଶ ନ କରିପାରିଲେ ଅବସୋସରେ ଅଣନିଃଶ୍ୱାସୀ ହୁଏ ସମୟ । ଆଉ ପ୍ରକାଶ ପାଇଲେ ଆକାଶଭରି ଉଲ୍ଲାସରେ ଉଲ୍ଲସିତ ହୁଏ ହୃଦୟ । ନିଜ ଅନ୍ତରର ଅକୁହା କଥାର ବ୍ୟଥା, ବ୍ୟାକୁଳତାକୁ ଅଳ୍ପଅଳ୍ପରେ ବ୍ୟକ୍ତ କରିବା କଳାରେ ସେ ସିଦ୍ଧହସ୍ତ । ତାଙ୍କ କଲମ ଚାଳନାରେ ସେ ସୃଷ୍ଟିକରିଛନ୍ତି ନ'ଅଗୋଟି କବିତା ସଂକଳନ । ଯାହା କେବଳ ପ୍ରେମ-ପ୍ରଣୟର କଥାକୁହେ । ସେ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ହେଁ ନିଶା ସାହିତ୍ୟ ସାଧନା ।

ପ୍ରାୟ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେବ ତାଙ୍କର କବିତା ରଚନାରେ ରହିଛି ଭିନ୍ନ ପରିଚୟ । ସେ ହେଲେ କବି **ଜ୍ଞାନ ଦାଶ** । ଜନ୍ମ ୧୯୫୫ ମସିହା । ମାତା ହାରାମଣି ଦାଶ ଓ ପିତା ସ୍ୱର୍ଗତ ବାସୁଦେବ ଦାଶ । ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅଧିନ ମା' ଶାରଳା ପୀଠ ନିକଟସ୍ଥ ରାଏ ରଘୁନାଥପୁର, କୁଳସାହିପୁରଣରେ । ସେ କୁହନ୍ତି, 'ପିଲାଟି ଦିନରୁ ମୁଁ ମା' ଛେଉଣ୍ଡ ହୋଇଯିବା ପରେ ଅନେକ ଦୁଃଖ, କଷ୍ଟ ସହ୍ୟ କରିବାକୁ ପଡିଛି । ନନା ଯଜମାନି, ପୂଜା ପାଠପାଇଁ ଅନେକ ସମୟ ବିଭିନ୍ନ କାମରେ ବାହାରେ ରହୁଥିବାରୁ ଅଳ୍ପ ବୟସରୁ ହିଁ ମୁଁ ନିଜେ କୁନି ସଂସାରୀଟିଏ ପାଲଟି ଯାଇଥିଲି । ଜୀବନର ସବୁ ଦୁଃଖକୁ ଆପଣାରକରି ଆଗେଇ ଚାଲିଛି ଏ ଯାବତ୍ । ଏଇ ଦୁଃଖର ଲାଘବ ପାଇଁ ସ୍କୁଲ ପାଠପଢ଼ିବା ସମୟରୁ ଅନେକ ଭଜନ, ଜଣାଣ ଲେଖାଲେଖିରେ ନିଜକୁ ହଜେଇ ଦେଉଥିଲି । ସେଇ ସୃଜନଶୀଳତାର ପୁଞ୍ଜିକୁ ନେଇ ପରବର୍ତ୍ତୀ ସମୟରେ ପ୍ରଥମେ 'ଭଜନ କଳିକା' ନାମରେ ଏକ ପୁସ୍ତକ ପ୍ରକାଶିତ ହୋଇଥିଲା । ଏହା ମୋତେ ବହୁତ ମାନସିକ ଶାନ୍ତି ଦେଇଥିଲା । ସେଥିରୁ କେତେକ ଭଜନ ସିଡି ମାଧ୍ୟମରେ ବଜାରକୁ ଆସିଛି, ଯାହା ଶ୍ରୋତାଙ୍କୁ ମୁଗ୍ଧ କରିଛି । ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ବିଭାଗରେ ଚାକିରିକାଳରେ ମଧ୍ୟ ଲେଖାଲେଖିକୁ ବନ୍ଦକରି ନାହିଁ । ବିଭିନ୍ନ ଅଞ୍ଚଳକୁ ଗସ୍ତକରି ଜନଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ ହୋଇଥିବାରୁ ଭିନ୍ନଭିନ୍ନ ଅନୁଭୂତିକୁ ସାଉଁଟି କବିତା ଓ ଗଳ୍ପରେ ସ୍ଥାନ ଦେଇଛି । ମୋ ମତରେ କବିତା ଲେଖିବା ଏକ ପ୍ରକାର ଜୀବନ ଜିଇବାର ନୀରବ ଆଳାପ । ବ୍ୟକ୍ତି ସତ୍ତାର ଏକ ସୂକ୍ଷ୍ମ ଚେତନାର ଚିତ୍ର । ଭଲ ପାଇବା ହେଉକି ଯେକୌଣସି ମଧୁର ସମ୍ପର୍କରେ ଫାଟ ଦେଖା ଦେଲେ ସେଇ ସମୟ, ମୁହୂର୍ତ୍ତ ସବୁକୁ କବିତାର ରୂପ ଦେଇଥାଏ । ଜୀବନର ଅଙ୍କାବଙ୍କା ଚଲାପଥରେ ଅନେକ ବୁଲାଣି, ଖାଲଢିପ ଡେଇଁବାକୁ ହୁଏ । ତା' ସହିତ ନିଜକୁ ସାମିଲକରି ଚାଲିବାକୁ ବାଧ୍ୟ ହୁଏ । କେତେବେଳେ କାହାର ସ୍ନେହ ଶ୍ରଦ୍ଧା ମିଳେ ତ କେତେବେଳେ କାହାର ସହଯୋଗ, ଆଶୀର୍ବାଦ ଅଥବା ଭୟଙ୍କର ଝଡ଼ ସୃଷ୍ଟି ହୁଏ । ଜୀବନ ସହିତ ଏମିତି ସଂଗ୍ରାମ ଚାଲିଛି, ଚାଲିବ । ପ୍ରତ୍ୟେକ ଦିନ ମଣିଷର ଜଞ୍ଜାଳମୟ ଜୀବନକୁ ଖୁବ୍ ନିକଟରୁ ଭେଟୁଥିଲି, ଦେଖୁଥିଲି ତା'ର ଯନ୍ତ୍ରଣାସିକ୍ତ ମୋହକୁ, କେମିତି ବଞ୍ଚିବାର ଇଚ୍ଛା ଓଟାରି ନେଉଛି ଇତ୍ୟାଦିକୁ ନେଇ ଲେଖିଥିଲି କିଛି କବିତା ଯେଉଁଥିରେ କେବଳ ଗ୍ରାମୀଣ ଜୀବନର ଅଙ୍ଗେନିଭା ଅନୁଭୂତି ରହିଛି ।'


ତାଙ୍କ ପ୍ରକାଶିତ କବିତା ପୁସ୍ତକଗୁଡ଼ିକ ମଧ୍ୟରେ ରହିଛି ଭଜନ କଳିକା, ପ୍ରୀତି ପଲ୍ଲବ, ମନ ଅଗଣାରେ ଜହ୍ନ, ସବୁ ତୁମରି ପାଇଁ, ଜହ୍ନରେ କୁଆଁରୀ ମନ, ରାତି ଶୋଇଗଲା ପରେ, ରାତିର ରଜନୀଗନ୍ଧା, ଋତୁ ମହ୍ଲାର, ଫଗୁଣର ତୋଫା ରାତି ଓ ଦୁଇଟି ନିଆଁ ଦୁନିଆ ଇତ୍ୟାଦି । ସେ ଲେଖିଥିବା କବିତା ମଧରେ ସ୍ୱପ୍ନ, ସମ୍ଭାବନା, ବିରହ, ମିଳନ ହିଁ ଅଧିକ ଦେଖିବାକୁ ମିଳେ । ବତୁରା ବିରହରେ ଅଭୁଲା ଅତୀତର ପ୍ରତ୍ୟେକମୁହୂର୍ତ୍ତକୁ ଏକାନ୍ତରେ ମନେପକାଇ ତାର ଚିତ୍ରକଳ୍ପକୁ କବିତାର ପାଖୁଡାରେ ସଜାଇଛନ୍ତି ସେ । ଶହେଟି ମନଛୁଆଁ ସନେଟ ବି ରିହିଛି । ଯାହାର ଲେଖାଗୁଡ଼ିକର ସାବଲୀଳ ଭାଷା, ଉତ୍ତମ ଶବ୍ଦ ସଂଯୋଜନା ହୃଦୟକୁ ଛୁଇଁଯାଏ । ସେ କୁହନ୍ତି, 'ମନର ଭାବାବେଗକୁ ମନଛୁଆଁ ଶବ୍ଦରେ ରସାଣିତ କରି ପାଠକଙ୍କ ନିକଟରେ ଉପସ୍ଥାପନା କରିପାରିଛି ।'

କବିତା ଲେଖିବା ସହ ସେ ଏକାଧିକ ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ କାର୍ଯ୍ୟ କରୁଛନ୍ତି । ପ୍ରାୟ ୨୦ବର୍ଷରୁ ଉର୍ଦ୍ଧ୍ୱ ହେବ ସାହିତ୍ୟ ପତ୍ରିକାର ସମ୍ପାଦନା କରିଆସୁଥିବାବେଳେ ଏକ ପତ୍ରିକାରେ ସମ୍ପାଦକଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କର ଏହି ସୃଜନଶୀଳତା ପାଇଁ ଏକାଧିକ ଅନୁଷ୍ଠାନରୁ ତାଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଛି । ଯାହା ମଧରେ ରହିଛି କାଠଯୋଡ଼ି କବିତା ସମ୍ମାନ, ଛିନ୍ନପତ୍ର ସ୍ମୃତି ସମ୍ମାନ, ସାହିତ୍ୟ ଗୋଧୂଳି କବି ସମ୍ମାନ, କୋଣାର୍କ ସାହିତ୍ୟ ସମ୍ମାନ ଇତ୍ୟାଦି । ସେହିପରି ନାଟକ ପାଇଁ ପଞ୍ଚପଟମାଳୀ ନାଟକ ମହୋତ୍ସବ, ଇଣ୍ଡିଆ ଥିଏଟର ଅଲିମ୍ପିଆଡ, ଆନ୍ଦୋଳନ ଅନୁଷ୍ଠାନ ଆଦିରୁ ସେ ସମ୍ମାନିତ ହୋଇଛନ୍ତି ।

-ବନବିହାରୀ ବେହେରା







# ହୃଦୟ ରାସ୍ତାରେ ବାଟ ଚାଲୁଥାଏ

– ଲକ୍ଷ୍ମଣ କୁମାର

ମୁଁ ଜାଣେ ଯେ ଏ ଆୟୁଷ ଯଥେଷ୍ଟ ନୁହେଁ – ଧରି ରଖିବାକୁ ତୋ' ହୃଦୟର ପଦ୍ମ ପତ୍ର ଉପରେ ଚିକମିକ କରୁଥିବା ପ୍ରେମର ମୁକ୍ତା ବିନ୍ଦୁକୁ ।

ମୁଁ ତତେ ଭଲପାଏ । ଜାଣେନା ଏଯାବତ୍ ଭଲପାଇବାର ସଂଜ୍ଞା କ'ଣ । କିଛି ସର୍ତ୍ତ ରଖିନି ତୋ ପାଖରେ । ମୋ ପାଖରେ ବି ତୋର କିଛି ସର୍ତ୍ତ ନାହିଁ । କେମିତି ଯୋଡ଼ି ହୋଇଗଲା ଦୁଇଟି ହୃଦୟ ଗୋଟିଏ ବିନ୍ଦୁରେ – ଏ କଥା ବି ଜାଣେନା ।

ଘରଠୁ ମୁଁ କେତେ ଶହ କିଲୋମିଟର ଦୂରରେ ଅଛି । ମା' ମନେପଡ଼ିଲେ ତୋ ମୁହଁରେ ମା'ର ମୁହଁଟି ଉକୁଟି ଉଠେ । ତୁ ବି ତ ମୋତେ କେବେ କେବେ 'ବାବୁ ' ଡାକୁ ଆଉ କେତେବେଳେ ଗୁଡୁଲୁ – ଗୋଟେ ମାସୁମ କୁନି ଶିଶୁଟିଏ ହେଇଯାଏ ମୁଁ ତୋ ପାଖରେ, ତୋ ଗଭୀର ସ୍ନେହରେ । କ୍ୟାଣ୍ଟିନରେ ଲଞ୍ଚ କରୁଥିବା ବେଳେ କି ରାସ୍ତା କଡ଼ର କୌଣସି ଚାହା ଦୋକାନରେ ଚାହା ପିଉଥିବା ବେଳେ କି ଏକା ଏକା ବାଟ ଚାଲୁଥିବା ବେଳେ ଯେବେ ଯେବେ ନିଃସଙ୍ଗ ଲାଗେ, ସେତେବେଳେ ଯେମିତି ତୋ ସ୍ୱର ଶୁଭିଯାଏ ମୋ କାନ ପାଖରେ : ବ୍ୟସ୍ତ କାହିଁକି , ମୁଁ ପରା ଅଛି ତୁମ ସହ । ଏ ଅମାପ ଭଲପାଇବାର ନିବିଡ଼ ପ୍ରତ୍ୟୟକୁ ମୁଁ ଅବା କେଉଁ ଭାଷାରେ ବର୍ଣ୍ଣନା କରି ପାରିବି । ବାସ, ପବନରେ ତୋ ପାଖକୁ ମୁଁ ପଠେଇ ଦିଏ ମୋ ଓଠର ସ୍ପର୍ଶ – କେବେ ଅଳସ ଭୋରରେ, କେବେ ନିସ୍ତବ୍ଧ ରାତ୍ରି ପ୍ରହରରେ । ତୁ ପ୍ରଶ୍ନ କରୁ : ଏ ତୁମ ଓଠର ଛୁଆଁକୁ ମୁଁ କେଉଁଠି ନେବି ?

: ତୋ ଓଠରେ, କପାଳରେ ନେଇ ଯା' .. । ମୁଁ କହେ ।

ତୋ ଭଲପାଇବା ତ ଈଶ୍ୱରଙ୍କ ଆଶୀର୍ବାଦ ମୋ ପାଇଁ । ଏ ଜୀବନ, ଏ ପୃଥିବୀ ମୋତେ ସ୍ୱର୍ଗ ପରି ଲାଗୁଚି ଖାସ ତୋରି ପାଇଁ । ମୋ ହୃଦୟର ତୁ ସ୍ପନ୍ଦନ । ମୋ ନିଃଶ୍ୱାସର ତୁ ଅମ୍ଳଜାନ । ସବୁ ରୁକ୍ଷତାର ଜ୍ୱଳନ ଭିତରେ ତୁ ହିଁ ତ ମୋ ପାଇଁ ଚନ୍ଦନ ଶୀତଳ ପବନ । ଏ କୁହୁଡ଼ି ଘେରା ସକାଳରେ ରାସ୍ତା, ଗଛ ଲତା ସବୁକିଛି ଅସ୍ପଷ୍ଟ, ଝାପସା ଦିଶୁଛି । କିନ୍ତୁ ତୋ ଜହ୍ନ ମୁହଁଟି ମୁଁ ଯୁଆଡ଼େ ଚାହିଁଲେ ସୁସ୍ପଷ୍ଟ ଦିଶୁଛି । ଯେବେ ବି ତୋର ଦୁଇ ନୀଳ ଆଖି ସହ ମୋର ଆଖି ମିଶିଯାଏ ଦୂର ଅଦୂରରୁ – ଠିକ ସେହି ମୂହୁର୍ତ୍ତରେ ହିଁ ଯୁଗପତ୍ ଗୋଟେ ସ୍ୱର୍ଗ ଓହ୍ଲେଇ ଆସେ । ପବନ ସ୍ଥିର ହୋଇଯାଏ । ସମୟ ଅଟକି ଯାଏ । ଏ ଆୟୁଷର ସୀମାରେଖା ଏତେ ଦୀର୍ଘ ହୋଇଯାଏ ଯେ ମୋର ଆଖି ପାଏନାହିଁ । ମୁଁ ସ୍ପଷ୍ଟ ଜାଣିପାରେ ସେହି ମୁହୂର୍ତ୍ତରେ ଯେ ଏହି ଅନିର୍ଦ୍ଦିଷ୍ଟ ଛୋଟ ଜୀବନର ପଥ ଭିତରେ ସୀମିତ ନୁହେଁ ଆମର ଏଇ ପ୍ରଲମ୍ବିତ ଯାତ୍ରା – ଏହା ଅସୀମିତ । ଏ ଜୀବନ ପଥ ସରିଯିବା ପରେ ଯେବେ ଆମେ ପାଦ ଦେବା ଆଉ ଏକ ଜୀବନ ପଥରେ, ସେତେବେଳେ ବି ଆମେ ଦୁହେଁ ବାଟ ଚାଲୁଥିବା ପରସ୍ପରକୁ ଲୋଡ଼ିବା ପଣରେ । କେବେ କେଉଁ ଜନ୍ମରେ ହାତ ଧରାଧରି ହୋଇ ଚାଲୁଥିବା । କେବେ କେଉଁ ଜନ୍ମରେ ଭାଗ୍ୟ ଚକ୍ରରେ ଦୂର ଅଦୂରରେ ଥିବା । କିନ୍ତୁ ହୃଦୟ ଯୋଡ଼ିକ ଯୋଡ଼ି ହୋଇଥିବ ଅନନ୍ତ କାଳ ।

ଜାଣିଛୁ, ହୃଦୟର ବି ଗୀତଟିଏ ଅଛି, ଯାହା ଆଉ ଏକ ହୃଦୟ ଶୁଣିପାରେ । ହୃଦୟର ବି ରାସ୍ତାଟିଏ ଅଛି, ଯାହା ଆଉ ଏକ ହୃଦୟ ସହ ଯୋଡ଼ି ହୋଇଥାଏ । ତୋ ହୃଦୟରୁ ମୋ' ହୃଦୟକୁ ଯୋଡ଼ି ହୋଇଥିବା ସେ ରାସ୍ତାରେ ତୋ ସହିତ ମୁଁ ବାଟ ଚାଲୁଥାଏ ।

: ସତରେ ନା.. ତୁମେ ମୋତେ ଏତେ ଭଲପାଅ । ମୁଁ ବହୁତ ଭାଗ୍ୟବାନ । ତୁ କହୁ ।

ଗୋଟେ ଯୁଗପତ୍ ଭରସାରେ ତୋ ସ୍ୱପ୍ନ ଓ ସମର୍ପଣ ମୋତେ ଆଚ୍ଛନ୍ନ କରୁଥାଏ ପ୍ରତିଟି ମୁହୂର୍ତ୍ତ ।

*– 'ଦିଗବଳୟ' ଲେଣ୍ଡା, ବରପାଲି*
*ବରଗଡ଼, ମୋ : ୯୪୩୯୦୪୦୯୩୭*

# ବସନ୍ତର ଅନୁଭବ

–ସତ୍ୟନାରାୟଣ ଗନ୍ତାୟତ

ସତରେ କେବେ ଯଦି
ବସନ୍ତକୁ ଅନୁଭବିବେ ତ'
ମୋତେ ନିଶ୍ଚେ ଜଣାଇବେ
ଅଜଣା ଋତୁଟେ ହୋଇ ହିଁ
ସିଏ କ'ଣ ଏଇମିତି
କାଳ କାଳ ଧରି ରହିଥିବ ?
ଜାଣେ, କହିବେ ଆଜିକାଲି
ବସନ୍ତର ଦେଖା
ମିଳେନାଇଁ ବୋଲି !
ତଥାପି ମୁଁ ରହିଅଛି
ତା' ଅନିଶାରେ
କାଳେ ତାକୁ
ଅନୁଭବି ହେବ ଥରୁଟେ ମନରେ !
ଜୀବନର ତାପ ସହୁ ସହୁ
ମଳୟ ହୋଇ ଆସି
କାଳେ ସିଏ
ମନ ମୋର ଛୁଇଁ ଯାଇପାରେ ?

*–'ସୁହାସିତମ୍', କସ୍ତୁରୀ ନଗର, ରାୟଗଡା*
*ମୋ:୯୪୩୭୯୦୯୬୭୫*

# କିଛି ଏଲିଜି


–ସର୍ବାଣୀ ଦାସ

ଢାଳି ଦେଇଥିଲି ଅଯୁତ ଆବେଗ
ପ୍ରୀତିର ମହକ ଦେଇ
ତୁମେ ଦେଲେ ମୋତେ
ଅଯାଚିତ କୋହ
ଲୁହର ସେ ଭାର ନଈ ।

ମିଛହସ ବୁଣି କେତେକାଳ ଆଉ
ଚାଲୁଥିବି ଏକା ଏକା
ଫଗୁଣ ତ ଆସି
ବାହୁଡ଼ି ଗଲାଣି
ହେଲାନି ତା' ସହ ଦେଖା ।

ଅନଶନ କରି ବସିଛି ସମୟ
ଭଙ୍ଗା ଦରଜାରେ ମୋର
ବେଦନାର ଗୀତ ଗାଉ ଗାଉ
କେବେ ଭୁଲିଯାଏ ଗୀତି ସୁର ।

*–ଅଧିବକ୍ତା, ପଥୁରିଆ ସାହି, ପୁରୀ*
*ମୋ: ୯୩୩୭୪୨୯୨୧୨*






କାଜଲ ଅଗ୍ରୱାଲ

# ଏବେ ମନ୍ଦୋଦରୀ

କଥାରେ ଅଛି-'ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ'। ତାଙ୍କର ଇଚ୍ଛା ଥିଲା ଏମିତି ଏକ ପୌରାଣିକଭିତ୍ତିକ ସିନେମାଟିଏ ମିଳନ୍ତା କି, ଯାହା ଦର୍ଶକଙ୍କ ମନକୁ ଛୁଇଁ ପାରନ୍ତା। ଶେଷରେ ତାଙ୍କର ଏହି ଆଶା ପୂରଣ ହୋଇଛି। ରାମାୟଣ କଥାବସ୍ତୁ ଉପରେ ଆଧାରିତ ହିନ୍ଦୀ ସିନେମା 'ରାମାୟଣ-୧'ର କାଷ୍ଟିଂରେ ତାଙ୍କୁ ଅର୍ନ୍ତଭୁକ୍ତ କରାଯାଇଛି। ପୁଣି ଏହାର ନିର୍ମାଣ କାମ ଜୋରସୋର୍‌ରେ ଚାଲୁ ରହିଛି। ଏଥିରେ ତାଙ୍କୁ ମିଳିଥିବା ଭୂମିକା ବିଷୟରେ ଜାଣିବେନି? ହଁ, ଏଥିରେ ସେ ରାବଣଙ୍କ ପତ୍ନୀ ମନ୍ଦୋଦରୀ ରୋଲ୍‌ରେ ଅବତୀର୍ଣ୍ଣ ହୋଇଛନ୍ତି। ହେଲେ ସେହି ଭାଗ୍ୟବତୀ ଅଭିନେତ୍ରୀ କିଏ ଜାଣନ୍ତି? ଦକ୍ଷିଣ ଭାରତୀୟ ସିନେମା ଜଗତର ନାମୀ ନାୟିକା କାଜଲ ଅଗ୍ରୱାଲ। କେବଳ ସେତିକି ନୁହେଁ, ଏହାର ରିଲିଜ ଡେଟ୍‌କୁ ସେ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ରାବଣ ଭୂମିକାରେ ଅଭିନୟ କରିଛନ୍ତି କନ୍ନଡ ସୁପରଷ୍ଟାର ୟଶ୍। ଏହାସହ ରଣବୀର କପୁର (ଶ୍ରୀରାମ), ସାଇ ପଲ୍ଲବୀ (ସୀତା), ସନି ଦେଓଲ (ହନୁମାନ), ଲୋକପ୍ରିୟ ମେଗା ଧାରାବାହିକ 'ରାମାୟଣ'ର ରାମ ଚରିତ୍ରରେ ଅଭିନୟ କରିଥିବା ଅରୁଣ ଗୋଭିଲ(ରାଜା ଦଶରଥ), ରକୁଲ୍ ପ୍ରୀତ ସିଂ (ସୂର୍ପଣେଖା) ଏବଂ ଅନୀଲ କପୁର (ଜନକ) ଭୂମିକାରେ ଦେଖାଦେବେ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ନମିତ ମଲହୋତ୍ରା। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ନିତେଶ ତିୱାରୀ। ଫିଲ୍ମଟି ଚଳିତ ବର୍ଷ ଦୀପାବଳିରେ ରିଲିଜ ହେବାର ଯୋଜନା ରହିଛି।

# ଆରମ୍ଭରୁ ଭାଇରାଲ 'ଟାଙ୍ଗା ରେ...'

ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର' ଆସନ୍ତା ମାସ ୧୦ ତାରିଖରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଫିଲ୍ମର ଏକ ଗୀତ 'ଟାଙ୍ଗାରେ..' ନିକଟରେ ରିଲିଜ ହୋଇ ବେଶ୍ ଭାଇରାଲ ହୋଇଛି। କାରଣ ଉକ୍ତ ଗୀତ ପାଇଁ କଣ୍ଠଦାନ କରିଛନ୍ତି ଗତ ବର୍ଷ ପରଲୋକଗତ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର। ଏହାର ସ୍ୱର ସଂଯୋଜନା କରିଛନ୍ତି ମହାଦେବ ରାଉତ। ଗୀତ ରଚନା କରିଛନ୍ତି ମନୋଜ କୁମାର ପଣ୍ଡା। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ପ୍ଲାଟୁନ ୱାନ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶିଳାଦିତ୍ୟ ବୋରା। ଫିଲ୍ମଟିର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନ ଏବଂ ଲଣ୍ଡନରେ କରାଯାଇଛି। ନିଖିଲ ଚୌଧୁରୀ ଏମଡିସି ଫିଲ୍ମୱାର୍କସ ସହଭାଗିତାରେ ପ୍ରସ୍ତୁତ ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ ହେଉଛନ୍ତି ବିଜୟ ରେଡ୍ଡି ଏବଂ ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟ। ଫିଲ୍ମଟିର ମୁଖ୍ୟ ଭୂମିକାରେ ପ୍ରକୃତି ମିଶ୍ର ଏବଂ ଦୀପାନ୍ୱିତ ମହାପାତ୍ର ଅଭିନୟ କରିଛନ୍ତି।



ରଶ୍ମିକା

# କେବଳ ମ୍ୟାରେଜ୍ ପାଇଁ...

ନିକଟରେ ରଶ୍ମିକା ମନ୍ଦାନା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଦୀର୍ଘ ବର୍ଷର ପ୍ରେମିକ ତଥା ଅଭିନେତା ବିଜୟ ଦେବରକୋଣ୍ଡାଙ୍କ ସହ ସେ ଘର ସଂସାର କରିଛନ୍ତି। ୟା ଭିତରେ ଏହି ଯୋଡି ଏକ ବଡ ଅଫର୍‌କୁ ହାତଛଡା କରିଛନ୍ତି। କଥା କ'ଣ କି ନିର୍ମିତ ହେବାକୁ ଯାଉଥିବା ଏକ ଓଟିଟି ଫିଲ୍ମରେ ଅଭିନୟ କରିବାକୁ ଉଭୟଙ୍କୁ ଅଫର ମିଳିଥିଲା। କିନ୍ତୁ ବ୍ୟସ୍ତମୟ ବିବାହ କାର୍ଯ୍ୟସୂଚୀ ପାଇଁ ୬୦କୋଟିର ଏହି ଅଫରକୁ ଦୁହେଁ ହାତଛଡା କରିଥିଲେ। ରଶ୍ମିକା କୁହନ୍ତି, ''ଏହାର କାହାଣୀ ମୋତେ ବେଶ୍ ଇମ୍ପ୍ରେଶ କରିଥିଲା। ହେଲେ ଆମେ ନାଚାର୍ ଥିଲୁ। ମ୍ୟାରେଜ ସିଡ୍ୟୁଲ ପାଇଁ ଏଭଳି ଅଫରକୁ ହାତଛଡା କରିବାକୁ ବାଧ୍ୟ ହେଲୁ।'' ରଶ୍ମିକା ଓ ବିଜୟଙ୍କ ବିବାହ ଉଭୟ ତେଲୁଗୁ ଏବଂ କୋଡାଭା ଟ୍ରାଡିଶନରେ ସମ୍ପନ୍ନ ହୋଇଥିଲା। ଏହି ଯୋଡିଙ୍କ ଅଭିନୀତ ତେଲୁଗୁ ଫିଲ୍ମ 'ଗୀତଗୋବିନ୍ଦମ' ଏବଂ 'ଡିୟର କମ୍ରେଡ' ହିଟ୍ ସାବ୍ୟସ୍ତ ହୋଇଥିଲା। ରଶ୍ମିକାଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୬ରେ କନ୍ନଡ ଫିଲ୍ମ 'କିରକ୍ ପାର୍ଟି'ରୁ। ୨୦୨୨ରେ ସେ ବଲିଉଡରେ ଏଣ୍ଟ୍ରି କରିଥିଲେ। ଚିତ୍ରଟି ଥିଲା 'ଗୁଡବାୟ'। ଅନ୍ୟପକ୍ଷରେ ବିଜୟ ୨୦୧୧ରୁ ନିଜର ଅଭିନୟ ଜୀବନ ଆରମ୍ଭ କରିଥିଲେ। ତାଙ୍କର ଡେବ୍ୟୁ ତେଲୁଗୁ ଫିଲ୍ମର ଟାଇଟଲ ଥିଲା 'ନୁଭିଲ୍ଲା'।



ନୋରା

# ପୁଣି ଥରେ ଆଇଟମ୍ ନମ୍ବର

ନୋରା ଫତେହି ଏବେ ଦୋଛକିରେ ପଡିଛନ୍ତି। କାରଣ କ'ଣ ଜାଣନ୍ତି ? ନିକଟରେ ଜଣେ ତାମିଲ ପ୍ରଯୋଜକ ତାଙ୍କ ସହ ଯୋଗାଯୋଗ କରିଥିଲେ ତାଙ୍କର ଆଗାମୀ ଫିଲ୍ମରେ ଏକ ଆଇଟମ ଗୀତରେ ନାଚିବା ପାଇଁ। ହେଲେ ଏନେଇ କଥା ଗୋଟିଏ ଜାଗାରେ ଅଟକି ଯାଇଛି। ତାହା ହେଲା ପାରିଶ୍ରମିକ। ଏହି ଗୀତ ପାଇଁ ନୋରା କୁଆଡ଼େ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି ବୋଲି ଆଲୋଚନା ହେଉଛି। ତେବେ ଏଭଳି ବିଷୟକୁ ନେଇ ନୋରା କହନ୍ତି, ''ଏକଥା ସତ ଯେ ମୁଁ ଏକ ନୂଆ ତାମିଲ ସିନେମାରେ ଆଇଟମ୍ ନମ୍ବରରେ ନାଚିବି। ଏ ନେଇ ପ୍ରଯୋଜକଙ୍କ ସହ କଥା ବି ସରିଛି। ତେବେ ରେମ୍ୟୁନିନେଶନକୁ ନେଇ ଯାହା ଶୁଣାଯାଉଛି ତାହା ଠିକ୍ ନୁହେଁ। ମୋତେ ପ୍ରଯୋଜନା ସଂସ୍ଥା ଯେତିକି ପାରିଶ୍ରମିକ ଦେବ ବୋଲି ଠିକ୍ ହୋଇଛି ସେଥିରେ ମୁଁ ଖୁସି। ଏହି ଆଇଟମ୍ ନମ୍ବରରେ ମୋର ଦ ବେଷ୍ଟ ଦେବାକୁ ମୁଁ ଚେଷ୍ଟା କରିବି।'' ଚଳିତ ମାସ ମେ' ମାସରେ ସେ ଅଭିନୟ କରିଥିବା କନ୍ନଡ ଫିଲ୍ମ 'କେଡି : ଦ ଡେଭିଲ୍' ରିଲିଜ ହେବାକୁ ଯାଉଛି। ଏହାର କାହାଣୀ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ। ଚିତ୍ରଟିର ଲିଡ୍ ରୋଲ୍‌ରେ ଅଛନ୍ତି ଧ୍ରୁବ ସାରଜା, ସଞ୍ଜୟ ଦତ୍ତ ଏବଂ ଶିଳ୍ପା ସେଟ୍ଟି।

# ଛାଡିନି କାର୍ ନିଶା

ବବି ଦେଓଲଙ୍କର ଏକ ଅଜବ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଯେତେବେଳେ ବଜାରକୁ କୌଣସି ନୂଆ ମଡେଲ କାର୍ ଆସେ ଆଉ ତାହା ତାଙ୍କ ମନପସନ୍ଦର ହୋଇଥାଏ, କାଳ ବିଳମ୍ବ ନ କରି ତାହାକୁ ସେ କିଣିଥାଆନ୍ତି। ବିଶେଷଭାବରେ ଲକ୍‌ଜ୍ୟୁରୀ କାର୍ କିଣିବାକୁ ବବି ବେଶୀ ପସନ୍ଦ କରିଥାଆନ୍ତି। ଏ ବିଷୟରେ ସେ କହନ୍ତି, ''ପିଲାଦିନେ ମୁଁ କାର୍ ଶୋ'ରୁମ୍‌ରେ ବୁଲିବାକୁ ପସନ୍ଦ କରୁଥିଲି। ସେଠାରେ ନୂଆ ନୂଆ ମଡେଲ୍‌ର କାର୍ ଦେଖି ବେଶ୍ ଖୁସି ହେଉଥିଲି। ଆଉ ଏବେ ମୋ ପାଖରେ ମନ ପସନ୍ଦର ତଥା ବିଭିନ୍ନ ଡିଜାଇନ୍‌ର ନୂଆ ନୂଆ କାର୍ ଅଛି। ଏବେ ମଧ୍ୟ କୌଣସି ଲକଜୁରିୟସ କାର୍ ମାର୍କେଟକୁ ଆସିଲେ ତାକୁ କିଣିବାକୁ ପଛାଇ ନ ଥାଏ।'' ବବିଙ୍କୁ ପ୍ରଥମେ ଜଣେ ଶିଶୁ କଳାକାର ଭାବରେ ବଡ ପରଦାରେ ଦେଖିବାକୁ ମିଳିଥିଲା। ୧୯୭୭ରେ ରିଲିଜ ହୋଇଥିବା 'ଧରମବୀର'ରେ ସେ ଧରମ ଚରିତ୍ରରେ ଅଭିନୟ କରିଥିଲେ। ନାୟକ ଭାବରେ ତାଙ୍କର ପ୍ରଥମ ସିନେମା ଥିଲା 'ବର୍‌ସାତ'। ଏବେ ବବିଙ୍କୁ ପ୍ରାୟ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳୁଛି।



ତ୍ରିପ୍ତି

# ଟେନ୍‌ସନ୍‌ରେ ତ୍ରିପ୍ତି

ତ୍ରିପ୍ତି ଡିମରିଙ୍କ ଟେନ୍‌ସନ୍ ଏବେ ବଢ଼ିଯାଇଛି। ହେଲେ କାହିଁକି ଜାଣନ୍ତି ? କଥା କ'ଣ କି ସେ କୁଆଡେ ବର୍ତ୍ତମାନ ପ୍ରେମ ଦରିଆରେ ଉବୁଟୁବୁ ହେଉଛନ୍ତି। ଆଉ ଯେତେବେଳେ ଏକଥା ତାଙ୍କ କାନରେ ପଡିଲା, ସେତେବେଳେ ସେ କ'ଣ ଚୁପ୍ ହୋଇ ବସିରହନ୍ତେ ? ଶେଷକୁ ବାଧ ହୋଇ ଏ ନେଇ ସଫେଇ ଦେଇ ସେ କହିଛନ୍ତି, ''ଆପଣମାନେ ଯାହାସବୁ ଶୁଣୁଛନ୍ତି ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏବେ କେବଳ ମୋର ଗୋଟିଏ ଲକ୍ଷ୍ୟ, କେମିତି ମୋ କ୍ୟାରିୟରକୁ ଆଗକୁ ଆଗେଇ ନେବି। ପ୍ରେମ କରିବାକୁ ମୋ ପାଖରେ ବର୍ତ୍ତମାନ ସମୟ ନାହିଁ। କେହି ମୋତେ ଅଯଥା ବଦନାମ କରିବାକୁ ଏଭଳି ଅପ୍ରଚାର ଚଳାଇଛି। ସେଭଳି ଗୁଜବକୁ ବିଶ୍ୱାସ ନକରିବାକୁ ଅନୁରୋଧ। ଉତ୍ତରାଖଣ୍ଡର ଚାମୋଲିରେ ଜନ୍ମିତା ଏହି ଅଭିନେତ୍ରୀ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି। ୨୦୧୭ରେ ରିଲିଜ ହୋଇଥିବା 'ମମ୍'ରେ ସେ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲେ। ନିଜର ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ପୋଷ୍ଟର ବୟ'ରେ ଶ୍ରେୟାଶ ତଲପାଡେ ତାଙ୍କୁ ନାୟିକା ଭାବରେ ବ୍ରେକ୍ ଦେଇଥିଲେ। ତ୍ରିପ୍ତି ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ଲୈଲା ମଜନୁ', 'ବୁଲ୍‌ବୁଲ୍', 'ଆନିମଲ୍' 'ବ୍ୟାଡ୍ ନ୍ୟୁଜ', 'ଭୁଲ ଭୁଲେୟାଁ ୩' ଏବଂ 'ଧଡକ ୨'।



ବବି

# ଅଶାନ୍ତର ମନ କଥା

ଅଶାନ୍ତ ଜଣେ ସାଧାରଣ ଯୁବକ। ହେଲେ ମନରେ ଦୃଢ଼ ଆଶା ଯେମିତି ହେଲେ ଜଣେ ଆଇପିଏସ ଅଫିସର ହେବ। ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁସାରେ ସେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୁଏ। ତେବେ ଏହି ସମୟରେ କାହାଣୀ ନିଏ ନୂଆ ମୋଡ। ହଠାତ୍, ଜଣେ ତରୁଣୀ ସହ ତା'ର ଦେଖାହୁଏ। ବାସ୍, ତା'ପରେ ଗୋଟିଏ ପଟେ ପ୍ରେମ ଅନ୍ୟପଟେ ନିଜର ଲକ୍ଷ୍ୟ। ଏହି ଦୁଇଟିରେ ସେ ସଫଳ ହୁଏତ ତ ? ଏମିତି ଅନେକ ଅସମାଧିତ ପ୍ରଶ୍ନର ଉତ୍ତର ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଅଶାନ୍ତ'। ଏହାର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲଡ୍ରାମା ଏବଂ ଆକ୍ସନ ମଧ୍ୟ ରହିଛି। ତା'ସହ ଗୀତଗୁଡିକ କିପରି ଶ୍ରୋତାଙ୍କୁ ପ୍ରଭାବିତ କରିବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ପ୍ରଥମ ସିନେମା 'ଦର୍ପଣ'ର ମୁଖ୍ୟ ଭୂମିକା ସହ ନିର୍ଦ୍ଦେଶନା ଭଳି ଗୁରୁ ଦାୟିତ୍ୱ ଠିକ୍ ଭାବରେ ତୁଲାଇବା ପରେ ଏହି ନୂଆ ଫିଲ୍ମର ମଧ୍ୟ ଟାଇଟଲ ଭୂମିକାରେ ଅଭିନୟ କରିବା ସହ ତାହାର ନିର୍ଦ୍ଦେଶନା ମଧ୍ୟ ଦେବେ। ସେ ହେଲେ ଭାରତ ପୁଷ୍ପରାଗ। ତେବେ ଏଥିରେ ନାୟିକା ଭାବରେ କିଏ ତାଙ୍କ ସହ ସ୍କ୍ରିନ୍ ସେୟାର କରିବ ସେ ନେଇ ଟିକେ ଟେନ୍‌ସନ୍‌ରେ ଥିଲେ। ଯାହାହେଉ ତାଙ୍କୁ ନିକଟରେ ତାଙ୍କର ମନ ପସନ୍ଦର ଅଭିନେତ୍ରୀ ମିଳିଯାଇଛନ୍ତି। ସେ ହେଲେ ଯୁକ୍ତା ରକ୍‌ସିତ। ଏହାପୂର୍ବରୁ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶିତ ହିଟ୍ ସିନେମା 'ସ୍ୱୟଂସିଦ୍ଧା'ରେ ସେ ନାୟିକା ଭାବରେ ଅଭିନୟ କରିଥିଲେ। ଭାରତଙ୍କ ନୂଆ ଚଳଚ୍ଚିତ୍ରଟିର ପ୍ରଯୋଜନା କରୁଛନ୍ତି ସଞ୍ଜୟ ଚୌଧୁରୀ। ଭାରତ ମଧ୍ୟ ଏହାର ଚିତ୍ରନାଟ୍ୟ ରଚନା କରିଛନ୍ତି। ଏହି ଫିଲ୍ମଟିର ଶୁଟିଂ ଚଳିତ ମାସରୁ ଆରମ୍ଭ ହେବାର ଯୋଜନା ରହିଛି। ତେବେ ଏହି ଫିଲ୍ମରେ କି ମସଲା ରହିଛି ତାହା ପରଦା ଉପରକୁ ଆସିଲେ ହିଁ ଜଣାପଡିବ।



ଭାରତ ପୁଷ୍ପରାଗ

## ପ୍ରଥମ ରୋଜଗାର

# ମୋ ସ୍ୱଳ୍ପ ଦରମା ବି ବୋଉଙ୍କୁ କୋଟିଏ ଟଙ୍କାର ଅନୁଭବ ଦେଇଥିଲା

ଲେଖିକା **ନିବେଦିତା ରଥ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ମଣିଷ ଜୀବନରେ ଅନେକ ସ୍ମରଣୀୟ ମୁହୂର୍ତ୍ତ ଥାଏ। ତାହା କେବେ ଦୁଃଖଦ ତ ପୁଣି କେବେ ସୁଖପୂର୍ଣ୍ଣ। ତତ୍ ମଧ୍ୟରୁ ପହିଲି ରୋଜଗାରର ସ୍ମୃତି ନିଆରା, ଯାହା ମନରେ ଅଜଣା ପୁଲକ ଭରିଦିଏ। ଏହା କେବଳ କିଛି ଟଙ୍କା ରୋଜଗାରର କଥା ନୁହେଁ ବରଂ ଫଳପ୍ରାପ୍ତିର, ଆତ୍ମବିଶ୍ୱାସର ଆନନ୍ଦମୟ ମୁହୂର୍ତ୍ତ। ଏହା ଆମକୁ ସମାଜରେ ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଭାବରେ ଗଢ଼ିତୋଳେ। ନିଜକୁ ସ୍ୱାବଲମ୍ବୀ ହେବା ପାଇଁ ରାସ୍ତା ଦେଖାଏ।

ପହିଲି ରୋଜଗାର ବିଷୟରେ ଆଲୋଚନା କରିବାବେଳେ ମନରେ ଶିହରଣ ଖେଳିଯାଏ। କାହିଁ କେଉଁ ଦୂର ଅତୀତର ସ୍ମୃତି ପଟରୁ ଭାସି ଆସେ ସେହି ଅଭୁଲା ଦିନର ସଂଘର୍ଷର କାହାଣୀ। ମୋର ପି.ଜିର ରେଜଲ୍ଟ ବାହାରିଥାଏ। ମୁଁ ସେହି କାମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ଯାଇଥାଏ। ହଠାତ୍ ଟେବୁଲ୍ ଉପରେ ଥିବା ଖବରକାଗଜରୁ ବିଜ୍ଞାପନ ଦେଖି ଖୁସିରେ ଆତ୍ମହରା ହୋଇଗଲି। କାରଣ ତାହା ଥିଲା ମୋ ଜନ୍ମସ୍ଥାନ ଢେଙ୍କାନାଳର ଗୋଟିଏ କଲେଜରେ ଅଧ୍ୟାପିକା ଚାକିରି ପାଇଁ ବିଜ୍ଞାପନ। ମୁଁ ସଙ୍ଗେ ସଙ୍ଗେ ଆବେଦନ କରିଦେଲି। ମୋ ବାପା ସେତେବେଳେ ଫୁଲବାଣୀରେ ଚାକିରି କରୁଥିଲେ। ତେଣୁ ମୁଁ ମୋ ବୋଉଙ୍କ ସହିତ ଇଣ୍ଟରଭ୍ୟୁ ଦେବାକୁ ଗଲି। ସଂଯୋଗବଶତଃ ଚାକିରି ମଧ୍ୟ ପାଇଗଲି। ଏହା ଗୋଟିଏ ବେସରକାରୀ କଲେଜ ଥିଲା, ତେଣୁ ଦରମା ସ୍ୱଳ୍ପ ଥିଲା। କିନ୍ତୁ ଗୋଟିଏ ଛାତ୍ରୀ ଜୀବନରୁ ବାହାରି ହଠାତ୍ ନିଜେ ଅଧ୍ୟାପିକା ବନିଯିବାର ଖୁସି ଥିଲା ନିଆରା। ଏମିତି ବିତିଗଲା ଏକମାସ। ଯେଉଁଦିନ ଦରମା ମିଳିବ ବୋଲି ସକାଳୁ ଜାଣିଲି, ମୋର ହୃଦ୍‌ସ୍ପନ୍ଦନ ବଢିଗଲା ପରି ଲାଗିଲା ; ଯେମିତିକି କୌଣସି ପରୀକ୍ଷାର ଫଳ ବାହାରୁଛି, ସେମିତି ଅନୁଭବ କଲି। ଯଦିଓ ଦରମା ସ୍ୱଳ୍ପ ଥିଲା ତଥାପି ସେ ଖୁସି ଥିଲା ନିଆରା। ମୁଁ ସେ ଟଙ୍କାକୁ କେମିତି ଖର୍ଚ୍ଚ କରିବି ଜାଣି ନଥିଲି, କାରଣ ତା'ପୂର୍ବରୁ ମୁଁ କେବେ ମାର୍କେଟିଂ କରି ନଥିଲି। ମା'ବାପାଙ୍କ ହାତଧରି ଚାଲୁଥିବା ଛୋଟ ଝିଅଟିଏରୁ ହଠାତ୍ ଦାୟିତ୍ୱସଂପନ୍ନ ବ୍ୟକ୍ତିଟିଏ ହୋଇଯିବା ପରି ଅନୁଭବ କଲି। ମୁଁ ମୋର ସମସ୍ତ ରୋଜଗାର ଟଙ୍କା ମୋ ବୋଉଙ୍କ ହାତରେ ଦେଇଥିଲି। ଟଙ୍କାଟିକୁ ଧରିଲାବେଳେ ଖୁସିରେ ତାଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡିଥିଲା, ଯେଉଁ ଖୁସିକୁ ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ। ସେଦିନ ମୋ ବୋଉ କହିଥିବା କେଇଧାଡ଼ି କଥା ଆଜିବି ମୋ କାନରେ ଗୁଜରି ଉଠେ। ସେ କହିଥିଲେ, 'ଏଇ ହାତରେ ମୁଁ କେତେ ଟଙ୍କା ଖର୍ଚ୍ଚ କରିଛି, କିନ୍ତୁ ମୋ ପିଲାଙ୍କ ରୋଜଗାର ମୋ ପାଇଁ କୋଟିଏ ଟଙ୍କା ସହ ସମାନ।'

ମୋ ବୋଉ କାମିନୀ ରଥ ଜଣେ କବି ଏବଂ ବାପା ରମାକାନ୍ତ ରଥ ବୃତ୍ତିରେ ଜଣେ ଇଂଜିନିୟର୍ ଥିଲେ ବି ଓଡ଼ିଆ ଭାଷା ସାହିତ୍ୟର ସେ ଜଣେ ମୁଗ୍ଧ ପ୍ରଶଂସକ ଥିଲେ। ସେମାନେ ଆଜି ଏ ଦୁନିଆରେ ନାହାନ୍ତି ସତ କିନ୍ତୁ ତାଙ୍କର ପ୍ରେରଣା, ଆଶୀର୍ବାଦ ଯୋଗୁ ଆଜି ମୁଁ ନିଜକୁ ସାହିତ୍ୟ ସାଧନାରେ ନିୟୋଜିତ କରିବା ସହ ପାଠକୀୟ ଶ୍ରଦ୍ଧାଭାଜନ ହୋଇପାରିଛି। ଅନେକ ଗପ, କବିତା ଲେଖିଛି ଆଉ ସେ ସବୁ ବିଭିନ୍ନ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ମଧ୍ୟ ହୋଇଛି। ତନ୍ମଧ୍ୟରୁ କିଛି କବିତାକୁ ନେଇ ମୋର ଗୋଟିଏ କବିତା ପୁସ୍ତକ 'ମଗ୍ନଈଶ୍ୱରୀ'ପ୍ରକାଶିତ ବି ହୋଇସାରିଛି ଏବଂ ଗୋଟିଏ ଗଳ୍ପ ସଂକଳନ ପ୍ରକାଶ ଅପେକ୍ଷାରେ ରହିଛି। ଶେଷରେ ଏତିକି କହିବି, ଜୀବନରେ ଯେତେ ଟଙ୍କା ରୋଜଗାର କଲେ ବି, ଶ୍ରଦ୍ଧା ଓ ଭଲପାଇବା ପ୍ରତ୍ୟେକଙ୍କ ଜୀବନର ପ୍ରଥମ ରୋଜଗାର ହେବା ଉଚିତ୍।

# କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ଼ ଅଡୁଆ ପ୍ରେମର ଫାଶ

**ପ୍ରଶ୍ନ**-ଜଣେ ଝିଅ ଦେଖିଲେ କେତେବେଳେ ହସି ଦେଉଛି ତ କେତେବେଳେ ରୁଷୁଛି। ତାହାର ଏହି ହସ ଆଉ ରୁଷା ଭିତରେ ପ୍ରେମ ରହିଛି କି ?

*-ଦିନେଶ, ଯାଜପୁର*

**ଉତ୍ତର :** ହସ ଆଉ ରୁଷା-ଏଦୁଇଟିକୁ ପ୍ରେମର ଗହଣା ଭାବରେ ନେଇ ପାରନ୍ତି। କାରଣ ବେଳେବେଳେ ପ୍ରେମକୁ ନେଇ ଆପଣଙ୍କ ମନ ଆକାଶରେ ଉଡ଼ି ବୁଲୁଥିବା ଅନେକ ଅସମାଧିତ ପ୍ରଶ୍ନାବଳୀର ଉତ୍ତର ସେଇଥିରେ ହିଁ ନିହିତ ଥାଏ। 'କ୍ଷଣିକ ରୁଷାକୁ ଲାଜୁଆ ହସ, ବଡ଼ ଅଡୁଆ ପ୍ରେମର ଫାଶ'। ତେଣୁ ସେହି ଲାଜୁଆ ହସ ଆଉ ରୁଷାକୁ ଥଣ୍ଡା ମିଜାଜରେ ତର୍ଜମା କରନ୍ତୁ। ହୁଏତ ଆପଣ ଯାହା ଖୋଜୁଛନ୍ତି ତାହା ସେଥିରେ ହିଁ ଲୁଚି ରହିଛି।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ସେ ମୋତେ କିଛି କହିବାକୁ ଚାହୁଁଛି,ହେଲେ କହିପାରୁ ନାହିଁ କାହିଁକି ?

*-ଅମନ ସାହୁ, ବ୍ରହ୍ମପୁର*

**ଉତ୍ତର :** ଜଣେ ସୁନ୍ଦରୀକୁ ଆପଣ ଅନେକ ଥର ଆଇ ଲଭ ୟୁ କହିସାରିଲେଣି। ହେଲେ କିଛି ଫଳ ମିଳୁନି। ପୁଣି ଉଲ୍ଲେଖ କରିଛନ୍ତି ଯେ ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି, ହେଲେ କହିପାରୁନି। ବେଳେବେଳେ ମନର କଥା ମନ ଭିତରେ ଥାଏ। ସମୟ ଆସିଲେ ତାହା ଆପେ ଆପେ ବାହାରି ଆସେ। ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବାର ଅଛି। ଯଦି ବା ସେହି ସୁନ୍ଦରୀ ଆପଣଙ୍କୁ ଗ୍ରୀନ୍ ସିଗନାଲ ଦେଖାନ୍ତି, ସେତେବେଳେ ଆଉ ସମୟର ଅପଚୟ ନ କରି ମନ ସହ ମନ ଯୋଡି ଦିଅନ୍ତୁ।

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ୍ ହେବ କି ?

*-ପ୍ରୀତମ ଦାସ, ପୁରୀ*

**ଉତ୍ତର :** ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ କେତେକ ହାଲ୍‌କା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି, ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ନେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**-ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ ?

*-କେ.ଏସ., ଖୋର୍ଦ୍ଧା*

**ଉତ୍ତର :** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ବର୍ତ୍ତମାନ ଆପଣଙ୍କ ବନ୍ଧୁର ଧର୍ମପତ୍ନୀ। ପୁଣି ଏପରି ସଂଯୋଗ ଯେ ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଆପଣ ବନ୍ଧୁଙ୍କ ପତ୍ନୀଙ୍କୁ ପ୍ରେମ କରି ଆଗକୁ ଆଗାନ୍ତି ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯେ, ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣିଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ଏଭଳି ଭାବନା ଆପଣଙ୍କ ମନରୁ ଯେତେ ଶୀଘ୍ର ପୋଛି ଦେବେ ଆପଣ ସେତେ ଶୀଘ୍ର ଟେନ୍‌ସନ ଫ୍ରି ରହିବେ।

**ସାଥୀ**









### ମୟୂର ଚନ୍ଦ୍ରିକାରେ ତିଆରି

# ହେୟାର୍ ଆସେସରିଜ୍

**ମୟୂର ଚନ୍ଦ୍ରିକାରେ ତିଆରି ହେୟାର୍ ଆସେସରିଜ୍ ଦେଖିବାକୁ ଯେମିତି ଟ୍ରେଣ୍ଡି ଲାଗେ ଏହାକୁ କେଶରେ ଲଗାଇଲେ ସେମିତି ୟୁନିକ୍ ଲୁକ୍ ବି ମିଳେ। ବିଶେଷକରି ଏହି ଟାଇପ୍‌ର ହେୟାର୍ ଆସେସରିଜ୍‌କୁ ବାହାଘର ପାର୍ଟି ହେଉକି ଅନ୍ୟ କୌଣସି ଫ୍ୟାଶନେବଲ୍ ଫଙ୍କସନ୍‌କୁ ପିନ୍ଧିକି ଗଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗେ ।**

ସକରାତ୍ମକ ଉର୍ଜାର ପ୍ରତୀକ କୁହାଯାଉଥିବା ମୟୂର ଚନ୍ଦ୍ରିକା ଦେଖିବାକୁ ଯେମିତି ସୁନ୍ଦର ଲାଗେ, ଏଥିରେ ତିଆରି ହେୟାର୍ ଆସେସରିଜ୍ ବି ସେମିତି ୟୁନିକ୍ ଲୁକ୍ ଦେଇଥାଏ । ମୟୂର ଚନ୍ଦ୍ରିକାରେ ତିଆରି ହେୟାର୍ ଆସେସରିଜ୍‌କୁ ଉଭୟ ଶାଢ଼ି, ଲେହେଙ୍ଗା ଭଳି ଏଥ୍‌ନିକ୍ ୱେର୍ ହେଉକି ମଡର୍ଣ୍ଣ ବୋହୋ ଡ୍ରେସ୍ ସାଙ୍ଗେ ବେଶ୍ ଆରାମରେ ଷ୍ଟାଇଲ୍ କରାଯାଇପାରେ । ତେବେ କ'ଣ ସବୁ ମୟୂର ଚନ୍ଦ୍ରିକାର ଲାଟେଷ୍ଟ ହେୟାର୍ ଆସେସରିଜ୍ ରହିଛି, ଜାଣନ୍ତୁ ସେ ସମ୍ପର୍କରେ:

✲ **ହେୟାର୍ କ୍ଲିପ୍ ଓ ପିନ୍:** ଛୋଟ ଛୋଟ ମୟୂର ଚନ୍ଦ୍ରିକା ଲାଗିଥିବା ହେୟାର୍ କ୍ଲିପ୍ ଅବା ହେୟାର୍ ପିନ୍‌କୁ ଖୋଲା ଚୁଟି ହେଉକି ଜୁଡ଼ାରେ ଷ୍ଟାଇଲ୍ କରି ଲଗାଇଲେ ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ । ଯେଉଁମାନଙ୍କର ଟ୍ରାଡିସନାଲ୍ ଲୁକ୍ ପସନ୍ଦ, ସେମାନେ ବାହାଘର ପାର୍ଟି, ଫଙ୍କସନ୍‌ରେ ଶାଢ଼ି ଅଥବା ଲେହେଙ୍ଗା ସାଙ୍ଗରେ ମ୍ୟାଚିଂ କରି ଏହି ଟାଇପ୍‌ର ହେୟାର୍ ଆସେସରିଜ୍‌କୁ ଟ୍ରାଏ କରିପାରିବେ ।

✲ **ହେଡ୍‌ବ୍ୟାଣ୍ଡ:** ବୋହୋ ଷ୍ଟାଇଲ୍‌କୁ ପସନ୍ଦ କରୁଥିବା ଝିଅମାନେ ମୟୂର ଚନ୍ଦ୍ରିକାରେ ତିଆରି ହେଡ୍‌ବ୍ୟାଣ୍ଡକୁ ନିଜ କେଶରେ ଲଗାଇ ବେଶ୍ ଆରାମରେ ହାପି ଇଣ୍ଡିଆନ୍ ଲୁକ୍ ପାଇପାରିବେ ।

✲ **ହେୟାର୍ ଏକ୍ସଟେନ୍‌ସନ:** ମୟୂର ଚନ୍ଦ୍ରିକାରେ ତିଆରି କ୍ଲିପ୍-ଇନ୍ ହେୟାର୍ ଏକ୍ସଟେନ୍‌ସନ ହେଉଛି ଏଭଳି ଏକ ହେୟାର୍ ଆସେସରିଜ୍ ; ଯାହାକୁ କେଶରେ ଲଗାଇଲେ କେଶ ଅଧିକ ଘନ ଓ ଲମ୍ବା ଦେଖାଯାଇଥାଏ । ସବୁଜ ଓ ନୀଳ ରଙ୍ଗର ଲେହେଙ୍ଗା ହେଉକି ଶାଢ଼ି ସାଙ୍ଗକୁ ଏହି ଲୁକ୍ ବେଶ୍ ଆଟ୍ରାକ୍ଟିଭ୍ ଲାଗେ ।

✲ **ମୟୂର ଚନ୍ଦ୍ରିକାର ଜୁଡ଼ା ହେୟାର୍ ଷ୍ଟାଇଲ୍:** ସିମ୍ପଲ ଜୁଡ଼ା ହେୟାର୍ ଷ୍ଟାଇଲ୍‌କୁ ଏଲିଗାଣ୍ଟ ଲୁକ୍ ଦେବା ପାଇଁ ଜୁଡ଼ାର ଚାରିପଟରେ ଛୋଟ ଛୋଟ ମୟୂର ଚନ୍ଦ୍ରିକାକୁ ଲଗାଇ ଜୁଡ଼ାର ମଝି ଭାଗକୁ ନୀଳ ରଙ୍ଗର କିଛି ଫୁଲ ଏବଂ ମୋତି ଦ୍ୱାରା ଡିଟେଲିଂ କରିପାରିବେ । ଏହା ପାର୍ଟି ଲୁକ୍ ପାଇଁ ପରଫେକ୍ଟ ହୋଇଥାଏ ।

✲ **ସାଇଡ୍ ବ୍ରୋଚ୍ ହେୟାର୍ ଷ୍ଟାଇଲ୍:** ୱାନ୍ ସାଇଡ୍ ପୋନିଟେଲ୍ କରି ସେଥିରେ ମୟୂର ଚନ୍ଦ୍ରିକା ଓ ଅନ୍ୟାନ୍ୟ କଲର୍‌ଫୁଲ୍ ପର ଲାଗିଥିବା ଟିକେ ବଡ଼ ସାଇଜ୍‌ର ବ୍ରୋଚ୍ ଲଗାଇ ୟୁନିକ୍ ପାର୍ଟି ଲୁକ୍ ବି ପାଇହେବ ।

✲ **ଫୁଲ ଓ ମୟୂର ଚନ୍ଦ୍ରିକାର ହେୟାର୍ ଷ୍ଟାଇଲ୍:** କେଶରେ ମେସି ବନ୍ କରି ସେଥିରେ ଜିପ୍ସି ଫୁଲ ସାଙ୍ଗକୁ କିଛି ମୟୂର ଚନ୍ଦ୍ରିକାକୁ ଡିଟେଲିଂ କଲେ ଆକର୍ଷଣୀୟ ପାର୍ଟି ଲୁକ୍ ମିଳେ ।

**କିଛି ଟିପ୍ସ**

– ମୟୂର ଚନ୍ଦ୍ରିକାରେ ତିଆରି ହେୟାର୍ ଆସେସରିଜ୍ କେବଳ ଏଥ୍‌ନିକ୍ ନୁହେଁ ଫ୍ୟୁଜନ୍ ଲୁକ୍ ପାଇଁ ବି ପରଫେକ୍ଟ ହୋଇଥାଏ ।

– ଯେଉଁମାନଙ୍କର କର୍ଲି ହେୟାର୍ ସେମାନେ ଚାହିଁଲେ ମୟୂର ଚନ୍ଦ୍ରିକାରେ ତିଆରି ଏକ ସିମ୍ପଲ ଟିଆରା ପିନ୍ଧି ଡିଫରେଣ୍ଟ ଲୁକ୍ ପାଇପାରିବେ ।

– ହେୟାର୍ କ୍ଲିପ୍‌ରେ ଛୋଟ ଛୋଟ ମୟୂର ଚନ୍ଦ୍ରିକାକୁ ଲଗାଇ କଲେଜ ଫଙ୍କସନ୍ ହେଉକି ଅନ୍ୟ କୌଣସି ଡେ'ଫଙ୍କସନ୍‌କୁ ଗଲେ ବେଶ୍ ଆରାମରେ ଫ୍ୟୁଜନ୍ ଲୁକ୍ ମିଳିଯାଏ ।







## ହାଃ ହାଃ

### ୱାଇଫାଇ

ଚିଣ୍ଟୁ ସାଙ୍ଗ ପିଣ୍ଟୁକୁ: ପଢାପଢି କେମିତି ଚାଲିଛି ?
ପିଣ୍ଟୁ: କ'ଣ ଆଉ କହିବି ଭାଇ, ପଢାପଢି ପୁରା ୱାଇ ଫାଇ ଭଳି ଚାଲିଛି ।
ଚିଣ୍ଟୁ: ମାନେ ! ବୁଝିପାରିଲିନି ।
ପିଣ୍ଟୁ: ପ୍ରଥମେ ପ୍ରଥମେ ବହୁତ ସ୍ପିଡ ଚାଲିଥିଲା । ପରେ ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା । ଏବେ ତ ପଢାସହିତ ପୁରା କନେକ୍ସନ କଟିଗଲାଣି ।

### ଲିଫ୍ଟ

ଦୁଇଟି ମୂଷା ବାଇକ୍‌ରେ ବୁଲୁଥାନ୍ତି । ଏତିକିବେଳେ ବାଘ ଛୁଆ ଲିଫ୍ଟ ମାଗିଲା ।
ମୂଷା: ଦେଖ ଭାଇ, ଲିଫ୍ଟ ଦେବାରେ ଆମର କିଛି ପ୍ରୋବଲେମ୍ ନାହିଁ । ହେଲେ କାଲି ଯଦି ତମ ବାପା କହିବେ ଗୁଣ୍ଡାଙ୍କ ସହ ବୁଲୁଛୁ, ସେତେବେଳେ କିନ୍ତୁ ଦୋଷ ଦେବନି ।

### ଆକାଉଣ୍ଟ

ଗୋବିନ୍ଦ ବାପାଙ୍କୁ: ମତେ ୫୦୦ ଟଙ୍କା ଦେଲ ।
ବାପା: କ'ଣ ପାଇଁ ?
ଗୋବିନ୍ଦ: ଆକାଉଣ୍ଟ ଖୋଲିବି । ମୋର ସବୁ ସାଙ୍ଗ ଖୋଲିଛନ୍ତି, ମୁଁ ବି ଖୋଲିବି ।
ବାପା: କୋଉଠି ଖୋଲିବୁ କହୁନୁ ?
ଗୋବିନ୍ଦ: ପାନ ଦୋକାନରେ ।

### ସୁଇଚ୍

ଚୋର ଗୋଟେ ଘରକୁ ଚୋରି କରିବାକୁ ଯାଇଥାଏ । ଲକର୍ ଭାଙ୍ଗିବାକୁ ଗଲାବେଳେ ଦେଖିଲା ସେଥିରେ ଲେଖାଯାଇଛି– 'ଭାଙ୍ଗ ନାହିଁ । ଏଇ ସୁଇଚ୍‌କୁ ଦବାଅ । ଆପେ ଖୋଲିଯିବ ।'
ଚୋର ସୁଇଚ୍‌ଟିକୁ ଚିପି ଦେଲା । ଆଉ କିଛି ସମୟ ଭିତରେ ପୋଲିସ୍ ଆସିଗଲେ ।
ଚୋରକୁ ଧରିବା ପରେ ପୋଲିସ୍: ନିଜ ପାଇଁ ସଫେଇ ଦେବାକୁ ଯାଇ କିଛି କହିବାକୁ ଚାହୁଁଛ ?
ଚୋର: କ'ଣ ଆଉ କହିବି ? ଆଜି ମୋର ମାନବିକତା ଉପରୁ ବିଶ୍ୱାସ ତୁଟି ଗଲା ।





# କୁଳାଡ଼ଗଡ଼

ଇତିହାସରୁ ଜଣାପଡ଼େ ଘୁମୁସର ରାଜ୍ୟ ପ୍ରତିଷ୍ଠା ହେବା ପୂର୍ବରୁ ଉକ୍ତ ଭୂଖଣ୍ଡକୁ ଖିଞ୍ଜିଲି ମଣ୍ଡଳ କୁହାଯାଉଥିଲା । ଏହା ବୌଦ୍ଧ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା । ଘଞ୍ଚ ଅରଣ୍ୟ ଓ ପାହାଡ଼ ପରିବେଷ୍ଟିତ କୁଳାଡ଼ ଅଞ୍ଚଳରେ କୁଳଡ଼ହ ନାମକ ଜଣେ କନ୍ଧ ରାଜା ଶାସନ କରୁଥିଲେ । ବାଗ୍‌ଦେବୀ ପର୍ବତର ଏକ ପଥର ଖୋଲମଧ୍ୟରେ ସେ ମା' ବ୍ୟାଘ୍ରଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ । ମାତ୍ର ଘୁମୁସର ରାଜା ପ୍ରତାପ ଭଞ୍ଜଙ୍କୁ କୌଣସି ଏକ ଘଟଣାରେ କନ୍ଧରାଜା ଅମାନ୍ୟ କରିଥିଲେ । ଏଥିଯୋଗୁ ଘୁମୁସରରାଜା କୁଳାଡ଼ ରାଜାଙ୍କୁ ଯୁଦ୍ଧରେ ପରାସ୍ତକରି କୁଳାଡ଼କୁ ଘୁମୁସର ଅନ୍ତର୍ଭୁକ୍ତ କିରିଥିଲେ । କୁଳାଡ଼ର କନ୍ଧ ରାଜାଙ୍କ ଶେଷଇଚ୍ଛା ଅନୁଯାୟୀ ପୁରୁଣା ଘୁମୁସରଗଡ଼ରୁ କୁଳାଡ଼ଗଡ଼କୁ ରାଜଧାନୀ ସ୍ଥାନାନ୍ତରିତ କରାଯାଇଥିଲା । ଘୁମୁସର ରାଜା ପ୍ରତାପ ଭଞ୍ଜ ୧୧୯୦ରେ କୁଳାଗଗଡ଼ ପ୍ରତିଷ୍ଠା କରିଥିଲେ ।

ଏହି ଗଡ଼ ଏକ ଶକ୍ତିପୀଠର ବଳୟ ମଧ୍ୟରେ ଥିଲା । କୁଳାଡ଼ଗଡ଼ର ପୂର୍ବଦିଗରେ ଗଡ଼ ରକ୍ଷାକାରୀ ଭାବେ ମା' କନ୍ଧୁଣୀ ଦେବୀ, ପଶ୍ଚିମରେ ପୀତାବଳୀ, ଉତ୍ତରରେ କଙ୍କଣ ଦେବୀ, ଦକ୍ଷିଣରେ ଦୁର୍ଗାଦେବୀଙ୍କ ମନ୍ଦିର ରହିଛି । ମା' ବ୍ୟାଘ୍ରଦେବୀ ଗଡ଼ଦେବୀ ଭାବେ ପୂଜିତା । ରାଜା, ପାଇକ ଓ ସୈନ୍ୟମାନେ ଯୁଦ୍ଧଯାତ୍ରା ପୂର୍ବରୁ ମା'ଙ୍କ ଆଶୀର୍ବାଦ ନେଇଥାନ୍ତି । ଇତିହାସରୁ ଜଣାପଡ଼େ ଭଞ୍ଜବଂଶୀୟ ନରପତିମାନେ ପୁରୁଷ ପୁରୁଷଧରି ଶୈବ ଓ ବୈଷ୍ଣବୀୟ ଧର୍ମଧାରାର ପୃଷ୍ଠପୋଷକ ଥିଲେ । ଫଳରେ ସେମାନେ ଏକାଧିକ ବିଷ୍ଣୁ ଓ ଶିବମନ୍ଦିର ନିର୍ମାଣ କରିଥିଲେ । ଯାହାମଧରେ ଶ୍ରୀଜଗନ୍ନାଥ ମନ୍ଦିର, ଗୋପୀନାଥ ମନ୍ଦିର, ରଘୁନାଥ ମନ୍ଦିର, ଲକ୍ଷ୍ମୀନାରାୟଣ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ଅନ୍ୟତମ । ସେହିପରି ବାଲୁଙ୍କେଶ୍ୱର, ସ୍ୱପ୍ନେଶ୍ୱର ଓ ନୀଳକଣ୍ଠେଶ୍ୱର ଆଦି ମନ୍ଦିର ମଧ ନିର୍ମାଣ କରିଥିଲେ । ରାଜା ଧନଞ୍ଜୟ ଭଞ୍ଜଙ୍କ ସମୟରେ ବାଗ୍‌ଦେବୀ ପାହାଡ଼ର ପାଦଦେଶରେ ମା'ଙ୍କର ଏକ ସୁନ୍ଦର ମନ୍ଦିର ନିର୍ମାଣ ହୋଇଥିଲା । କୁଳାଡ଼ଗଡ଼ର ମା' ବ୍ୟାଘ୍ର ଦେବୀ ହେଲେ ତିନି ଭଉଣୀ– ବଡ଼ଭଉଣୀ ବଡ଼ ରାଉଳ, ମଝିଆ ଭଉଣୀ ଉପର ବ୍ୟାଘ୍ରଦେବୀ ଏବଂ ସାନଭଉଣୀ ତଳ ବ୍ୟାଘ୍ରଦେବୀ ଭାବେ ଖ୍ୟାତ । ଏହି ପୀଠର ବହୁ ଅଲୌକିକ ମହିମା ରହିଛି । କିମ୍ବଦନ୍ତୀ ଅନୁଯାୟୀ ଏକଦା ପୂଜାରୀ ପର୍ବତ ଉପରକୁ ଯାଇ ମା' ବ୍ୟାଘ୍ରଦେବୀଙ୍କୁ ପୂଜର୍ଚ୍ଚନା କରି ଫେରିଥାନ୍ତି । ଥରେ ପୂଜାରୀ ମା'ଙ୍କ ପୂଜାସାରି ଫେରିବା ବାଟରେ ତାଙ୍କର ମନେପଡ଼ିଥିଲା ଯେ ମା'ଙ୍କ ନିକଟରେ ସେ ପୂଜା ଗଡୁକୁ ଛାଡ଼ି ଦେଇଛନ୍ତି । ପୁନର୍ବାର ପୂଜାରୀ ମା'ଙ୍କ ନିକଟରେ ପହଞ୍ଚି ଦେଖନ୍ତି ତ ଚଣ୍ଡିଚାମୁଣ୍ଡା ମା'ଙ୍କ ନିକଟରେ ଭୋଜନ କରୁଛନ୍ତି । ପୂଜାରୀ ଏପରି ଦୃଶ୍ୟଦେଖି ଭୟଭୀତ ହୋଇ ମା'ଙ୍କୁ ପ୍ରାର୍ଥନା କଲେ । ଫଳରେ ପୂଜାରୀଙ୍କ ପୂଜା ଗଡୁକୁ ମା' ତଳକୁ ଫିଙ୍ଗି ଦେଇଥିଲେ । ଯେଉଁଠାରେ ଗଡୁ ପଡ଼ିଲା ସେଠାରେ ମା'ଙ୍କୁ ପୂଜା କରିବ ବୋଲି ପୂଜାରୀଙ୍କୁ ସ୍ୱପ୍ନାଦେଶ ହୋଇଥିଲା । ପୂଜାରୀ ଏକଥା ରାଜାଙ୍କୁ ଜଣାଇବାରେ ରାଜା ଉକ୍ତ ସ୍ଥାନରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କରାଇଥିଲେ । ଗବେଷକଙ୍କ ମତରେ ବାଗ୍‌ଦେବୀଙ୍କୁ କେହିକେହି ବ୍ୟାଘ୍ରଦେବୀ ବୋଲି ଅଭିହିତ କରିଥାନ୍ତି । ଏହା ଏକ ପ୍ରାଚୀନ ଶକ୍ତିପୀଠ । ପ୍ରତି ୩ବର୍ଷରେ ଥରେ କୁଳାଡ଼ଗଡ଼ଠାରୁ ମା' ବାଗ୍‌ଦେବୀଙ୍କୁ ବରଣକରାଯାଇ ଶୋଭାଯାତ୍ରାରେ ଭଞ୍ଜନଗରକୁ ଅଣାଯାଇଥାଏ । ଏହି ସମୟରେ ଠାକୁରାଣୀ ଯାତ୍ରା ହୋଇଥାଏ । କୁଳାଡ଼ଗଡ଼ ଏକଦା ଭଞ୍ଜବଂଶୀୟ ରାଜାମାନଙ୍କର ଆବାସ ସ୍ଥଳୀ ଥିଲା । ଅତୀତରେ ବୁଗୁଡ଼ା ନିକଟସ୍ଥ ବିଷ୍ଣୁଚକ୍ରଠାରେ ଘଞ୍ଚ ବାଉଁଶ ବଣରେ ଫରାସୀ ସେନା ଓ ଘୁମୁସର ସେନା ମଧରେ ଲଢ଼େଇ ହୋଇଥିଲା । ଏଥିରେ ପ୍ରାୟ ୩୦ ଜଣ ଫରାସୀ ସେନା ମୃତ୍ୟୁବରଣ କରିବା ସହ ଫରାସୀ ସେନା ପରାସ୍ତ ହୋଇ ପଛଘୁଞ୍ଚା ଦେଇଥିଲେ । ସେହିପରି ଘୁମୁସର ରାଜା ନିଜର ସେନାଙ୍କୁ ନେଇ ଗଜପତି ବୀରକିଶୋର ଦେବଙ୍କୁ ସହଯୋଗ କରିଥିଲେ । ଖୋର୍ଦ୍ଧାଠାରେ ବ୍ରିଟିଶ ନବାବଙ୍କୁ ପରାସ୍ତ କରିଥିଲେ । ଧନଞ୍ଜୟ ଭଞ୍ଜଙ୍କ ସମୟରେ ବିପ୍ଳବୀ ଚକରା ବିଶୋଇ ବ୍ରିଟିଶ ବିରୋଧରେ ସଂଗ୍ରାମ କରିଥିଲେ । ସେତେବେଳେ ବିଭିନ୍ନ ସମୟରେ ବ୍ରିଟିଶମାନଙ୍କ ବିରୋଧରେ ଭଞ୍ଜବଂଶୀୟ ରାଜାମାନେ ଯୁଦ୍ଧ କରିଥିଲେ । ୧୧୯୦ରୁ ୧୮୩୫ ମସିହା ପର୍ଯ୍ୟନ୍ତ କୁଳାଡ ଗଡ଼ରେ ଭଞ୍ଜ ବଂଶୀୟରାଜା ଶାସନ କରିଥିଲେ । ଘୁମୁସର ଭଞ୍ଜ ରାଜ ବଂଶର ଶେଷ ରାଜା ଥିଲେ ରାଜା ଧନଞ୍ଜୟ ଭଞ୍ଜ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ୧୬୭୦ ମସିହା ପବିତ୍ର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ଜନ୍ମଗ୍ରହଣ କରିଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପିତାମହ ଧନଞ୍ଜୟ ଭଞ୍ଜଙ୍କ ପ୍ରେରଣାରେ ମା' ବାଗ୍‌ଦେବୀଙ୍କ ଶରଣାପନ୍ନ ହୋଇଥିଲେ । ଦେବୀଙ୍କ ଆଦେଶରେ ସେ ନୟାଗଡ଼ ଓଡ଼ଗାଁ ଯାତ୍ରାକରି ରଘୁନାଥ ଦେବଙ୍କ ପୀଠରେ ରାମତାରକ ମନ୍ତ୍ର ସିଦ୍ଧିକରି ଜଣେ ବିଖ୍ୟାତ କବି ହୋଇପାରିଥିଲେ । ବାଗ୍‌ଦେବୀ ପାହାଡ଼ ପାଦଦେଶର ଅନତି ଦୂରରେ ଘଞ୍ଚଅରଣ୍ୟ ମଧ୍ୟରେ ଦୃଷ୍ଟିଗୋଚର ହୁଏ ଭଞ୍ଜବଂଶୀ ରାଜପ୍ରାସାଦର ଭଗ୍ନାବଶେଷ । ଅନ୍ୟଏକ ପାର୍ଶ୍ୱରେ ଏକାଧିକ ପୁଷ୍କରିଣୀ ରହିଛି । ଅଧୁନା ଗଞ୍ଜାମ ଜିଲାର କୁଳାଡ଼ଗଡ଼ ଏକ ସୁପରିଚିତ ଅଞ୍ଚଳ । ଏହି ଗଡ଼ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।

**– ବନବିହାରୀ ବେହେରା,**
**ବାବୁଲା ପ୍ରଧାନ**





# ଅନନ୍ୟ ହିଲ୍‌ଷ୍ଟେଶନ

# କୁଫ୍‌ରି

ଶିମ୍‌ଲା ନିକଟସ୍ଥ ଏକ ଲୋକପ୍ରିୟ ହିଲ୍‌ଷ୍ଟେଶନ ହେଉଛି କୁଫ୍‌ରି; ଯାହାର ଅପୂର୍ବ ପ୍ରାକୃତିକ ଦୃଶ୍ୟ ଦେଶବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ସେଥିପାଇଁ ଏଠାରେ ପ୍ରାୟତଃ ଆଗନ୍ତୁକଙ୍କର ଭିଡ଼ ଦେଖିବାକୁ ମିଳେ...




କୁଫ୍‌ରି ହେଉଛି ହୀମାଚଳ ପ୍ରଦେଶର ଶିମ୍‌ଲା ନିକଟସ୍ଥ ଏକ ରିସୋର୍ଟ ହିଲ୍‌ଷ୍ଟେଶନ ; ଯାହାକି ସମୁଦ୍ର ପତ୍ତନରୁ ପ୍ରାୟ ୨୭୨୦ ମିଟର ଉଚ୍ଚତାରେ ଅବସ୍ଥିତ। ଉଚ୍ଚ ଉଚ୍ଚ ପାହାଡ଼, ସବୁଜ ବନାନୀ ଘେରା ଏହି ସ୍ଥାନଟି ମନୋରମ ହିମାଳୟ ଦୃଶ୍ୟ ଦେଖିବା ପାଇଁ ଖୁବ୍ ପ୍ରସିଦ୍ଧ। କେବଳ ସେତିକି ନୁହେଁ ଶୀତଦିନେ ଏଠାରେ ହେଉଥିବା ତୁଷାରପାତ ଏବଂ ସ୍କିଂର ମଜା ନେବାକୁ ପର୍ଯ୍ୟଟକଙ୍କ ଭିତରେ ବେଶ୍ ଉତ୍ସାହ ଭରି ରହିଥାଏ। ମହାସୁ ପିକ୍, ହିମାଳୟାନ୍ ନେଚର୍ ପାର୍କ, ଫନ୍ ୱାର୍ଲ୍ଡ ଏଠାକାର କେତୋଟି ପ୍ରମୁଖ ପର୍ଯ୍ୟଟନକ୍ଷେତ୍ର।

### କୁଫ୍‌ରିର ମୁଖ୍ୟ ଆକର୍ଷଣ

* **ଶୀତର ସ୍ୱର୍ଗ:** ପ୍ରାୟତଃ ଡିସେମ୍ବରରୁ ଫେବୃଆରୀ ଶେଷ ପର୍ଯ୍ୟନ୍ତ କୁଫ୍‌ରି ବରଫର ଏକ ମୋଟା ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଢ଼ାଙ୍କି ହୋଇ ରହିଥାଏ। ଏହି ଅପୂର୍ବ ଦୃଶ୍ୟକୁ ଦେଖିବାକୁ ତଥା ସ୍କିଂ ଏବଂ ଟୋବୋଗନିଙ୍ଗ୍ ଭଳି ଦୁଃସାହସିକ କ୍ରୀଡ଼ାର ମଜା ନେବାକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଶୀତଦିନେ ଏଠାକୁ ବୁଲି ଯିବାକୁ ପସନ୍ଦ କରିଥାନ୍ତି।
* **ମହାସୁ ପିକ୍:** ଏହା କୁଫ୍‌ରିର ସବୁଠାରୁ ଉଚ୍ଚତମ ସ୍ଥାନ ଅଟେ ; ଯେଉଁଠାକୁ ପହଁଞ୍ଚିବାକୁ ହେଲେ ପର୍ଯ୍ୟଟକଙ୍କୁ ଘଞ୍ଚ ଦେବଦାରୁ ଜଙ୍ଗଲ ମଧ୍ୟ ଦେଇ ଘୋଡ଼ା ସବାରିରେ ଯିବାକୁ ହୋଇଥାଏ।
* **ହିମାଳୟାନ୍ ନେଚର୍ ପାର୍କ:** ଏହା କୁଫ୍‌ରି ନିକଟସ୍ଥ ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଏଠାରେ ପ୍ରାୟ ୧୮୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବିରଳ ପଶୁପକ୍ଷୀଙ୍କୁ ଦେଖିବାର ସୁଯୋଗ ପାଇପାରିବେ।
* **କୁଫ୍‌ରି ଫନ୍ ୱାର୍ଲ୍ଡ:** ଏଠାରେ ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର କୌତୁକିଆ ଖେଳ ଏବଂ ଗାଡ଼ି ତଥା ଘୋଡ଼ା ସବାରୀର ବିଭିନ୍ନ ସୁବିଧା ଉପଲବ୍ଧ ରହିଛି। କେବଳ ସେତିକି ନୁହେଁ, ଏଠାରେ ଏକ ଗୋ କାର୍ଟ ଟ୍ରେକ୍ ବି ରହିଛି ; ଯେଉଁ ଖେଳର ଅପୂର୍ବ ଆନନ୍ଦ ପର୍ଯ୍ୟଟକ ଚାହିଁଲେ ଏଠି ନେଇପାରିବେ।
* **ଇନ୍ଦିରା ଟୁରିଷ୍ଟ ପାର୍କ:** ଏହା ମଧ୍ୟ କୁଫ୍‌ରି ନିକଟସ୍ଥ ଅନ୍ୟତମ ଲୋକପ୍ରିୟ ପାର୍କ। ଏହି ପାର୍କର ଅପୂର୍ବ ପ୍ରାକୃତିକ ଦୃଶ୍ୟ ବେଶ୍ ମନଲୋଭା ହୋଇଥାଏ। ପିଲାମାନଙ୍କ ଖେଳିବା ପାଇଁ ଏଠାରେ ମଧ୍ୟ ଅନେକ ସୁବିଧା ରହିଛି।
* **ଚିନି ବଙ୍ଗଳା:** ଏହା କୁଫ୍‌ରି ନିକଟବର୍ତ୍ତୀ ଏକ ପୁରୁଣା ଐତିହାସିକ ବଙ୍ଗଳା ଅଟେ। ଏହି ବଙ୍ଗଳାର ଅପୂର୍ବ କାରୁକାର୍ଯ୍ୟ ତଥା ବଙ୍ଗଳା ମଧ୍ୟରେ ଥିବା ବହୁ ପୁରାତନ ମୂର୍ତ୍ତି, ପ୍ରତୀମାଗୁଡ଼ିକର ଗଠନଶୈଳୀ ବି ବେଶ୍ ଆଖିଦୃର୍ଶୀୟା ଲାଗେ। ଇତିହାସ ସମ୍ପର୍କିତ ତଥ୍ୟ ଜାଣିବାରେ ରୁଚି ରଖୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନକୁ ବୁଲିଯିବା ଏକ ଉତ୍ତମ ବିକଳ୍ପ ହୋଇପାରେ।

### ଫଟୋଗ୍ରାଫିର ମଜା ନିଆରା


ପାହାଡ଼, ସବୁଜ ବନାନୀ ଘେରା କୁଫ୍‌ରିର ଏହି ସୌନ୍ଦର୍ଯ୍ୟମୟ ପରିବେଶରେ ଜାତିଜାତିକା ପକ୍ଷୀଙ୍କୁ ଦେଖିବାର ସୁଯୋଗ ମିଳିଥାଏ। ଫଟୋଗ୍ରାଫି ପାଇଁ ଏଠାରେ ଭଲ ଭଲ ଲୋକେସନ୍ ମଧ୍ୟ ରହିଛି। ଏଠାକାର ଅଙ୍କାବଙ୍କା ରାସ୍ତା ବି ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେଇଥାଏ।

### କେବେ ଯିବେ


କୁଫ୍‌ରି ବୁଲିଯିବା ପାଇଁ ଖରାଦିନ ଓ ଶୀତଦିନ ଉତ୍ତମ ହୋଇଥାଏ। ଶୀତଦିନେ ତୁଷାରପାତର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ରୋମାଞ୍ଚକଭରା ଶୀତକ୍ରୀଡ଼ାର ମଜା ନେବା ପାଇଁ ନଭେମ୍ବରରୁ ଫେବୃଆରୀ ଭିତରେ ଏଠାକୁ ବୁଲିଯିବା ସର୍ବୋତ୍ତମ ହୋଇଥାଏ। ଅନ୍ୟପକ୍ଷେ ଖରାଦିନେ ଏଠାକାର ମନୋରମ ଶୀତଳ ଜଳବାୟୁରେ କିଛି ସମୟ ବିତାଇବାକୁ ପର୍ଯ୍ୟଟକଙ୍କୁ ବେଶ୍ ଆରାମ ଲାଗେ। ସେଥିପାଇଁ ଖରାଦିନେ ମଧ୍ୟ ଏଠି ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ।


### କେମିତି ଯିବେ

ଶିମ୍‌ଲାଠାରୁ ପ୍ରାୟ ୧୨ କି.ମି ଦୂରରେ ଥିବା କୁଫ୍‌ରିକୁ ଯିବା ପାଇଁ ନିକଟତମ ବିମାନବନ୍ଦର ହେଉଛି ଶିମ୍‌ଲା ଏୟାରପୋର୍ଟ। ତା'ଛଡ଼ା ପର୍ଯ୍ୟଟକ ଚାହିଁଲେ ପ୍ରଥମେ ଶିମ୍‌ଲାରେ ପହଁଞ୍ଚି ସେଠାରୁ ଟ୍ୟାକ୍ସି ହେଉକି ଲୋକାଲ୍ ବସ୍ ଦ୍ୱାରା ମଧ୍ୟ ଆରାମରେ ଯାଇ କୁଫ୍‌ରିରେ ପହଁଞ୍ଚିପାରିବେ।









# ମାଛ କ'ଣ ପାଣିରେ ବୁଡ଼ିପାରେ!



**ସମସ୍ତେ ଜାଣନ୍ତି 'ମଛଲୀ ଜଲ୍‌କି ରାନୀ ହୈ, ଜୀବନ ଉସ୍‌କା ପାନି ହୈ'। ଅର୍ଥାତ୍ ଜଳର ରାଣୀ ହେଉଛି ମାଛ। ଜଳ ହିଁ ତା'ର ଜୀବନ। ସେଇଠି ତା'ର ଜନ୍ମ, ସେଇଠି ଗଢେ ସଂସାର। ଆଉ ମୃତ୍ୟୁ ବି ହୁଏ ସେଇ ଜଳ ଭିତରେ। ତେବେ କେବେ ଭାବିଛନ୍ତି କି ମାଛ କ'ଣ ଜଳ ଭିତରେ ବୁଡ଼ିପାରେ? ଭାବୁଥିବେ ଏ ପ୍ରଶ୍ନ ପୁରା ପାଗଳାମୀ। ଏମିତି କ'ଣ କେବେ ସମ୍ଭବ? ମାଛ କ'ଣ ଜଳରେ ବୁଡିବ? ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ବିଜ୍ଞାନ କହେ ମାଛ ବି ପାଣିରେ ବୁଡ଼ିପାରେ। ତେବେ କେମିତି ଜାଣନ୍ତୁ ସେ ସମ୍ପର୍କରେ..**

ଅବିଶ୍ୱସନୀୟ ହେଲେ ବି ଜଳର ରାଣୀ ମାଛ ପାଣିରେ ବୁଡ଼ିପାରେ। ଭାବୁଥିବେ ଏହା କେମିତି ସମ୍ଭବ ? ପହଁରା ନ ଆସୁଥିଲେ ମଣିଷ ପାଣିରେ ବୁଡ଼ିପାରେ। ଜଳ ଭିତରେ ଉବୁଟୁବ ହେବାବେଳେ ଫୁସ୍‌ଫୁସ୍‌ରେ ଯଦି ପାଣି ଭରିଯାଏ ଓ ଜଳରୁ ଅମ୍ଳଜାନ ନ ମିଳେ ମଣିଷ ଅଣ ନିଶ୍ୱାସୀ ହୋଇ ବୁଡ଼ି ମରିଯାଏ। ହେଲେ ମାଛ ସହ ତ ଓଲଟା ହୁଏ। ମାଛ ତ ଜଳରୁ ଅମ୍ଳଜାନ ବାହାର କରିପାରେ। ତେବେ ତା'ର ମୃତ୍ୟୁ କେମିତି ବୁଡିକରି ହେବ ? କଥା କ'ଣ କି ଯଦି ଜଳରେ ଅମ୍ଳଜାନ ନ ଥାଏ ଅଥବା ତା'ର ଗିଲ୍ସ ଠିକ୍‌ଭାବେ କାମ ନ କରେ, ତେବେ ମାଛର ଶ୍ୱାସ ବନ୍ଦ ହୋଇପାରେ ଓ ସେ ବୁଡି ମରିପାରେ। ଏହି ପଦ୍ଧତିକୁ ସଠିକ ଶବ୍ଦରେ 'ସଫୋକେସନ୍' କୁହାଯାଏ। ସାଧାରଣ ଭାଷାରେ ଏହାକୁ ବୁଡ଼ିଯିବା ହିଁ କୁହାଯାଏ। ମାଛ ନିଜର ଗିଲ୍ସ ସାହାଯ୍ୟରେ ଶ୍ୱାସକ୍ରିୟା କରିଥାଏ। ଏହି ଗିଲ୍ସ ମାଛ ମୁଣ୍ଡର ଦୁଇ ପାର୍ଶ୍ୱରେ ଥାଏ। ଯେଉଁଠି ଅନେକ କ୍ଷୁଦ୍ର ରକ୍ତବାହିକା ଥାଏ। ମାଛ ସାଧାରଣତଃ ପାଟି ଖୋଲି ପାଣିକୁ ଭିତରକୁ ନେଇଥାଏ ଓ ଗିଲ୍ସ ମଧ୍ୟ ଦେଇ ପ୍ରବାହ କରାଇଥାଏ। ଫଳରେ ଅମ୍ଳଜାନ ରକ୍ତକୁ ଯାଏ ଓ ଅଙ୍ଗାରକାମ୍ଳ ବାହାରକୁ ବାହାରିଥାଏ। ଏହି ପ୍ରକ୍ରିୟାକୁ 'କାଉଣ୍ଟର କରେଣ୍ଟ ଏକ୍ସଚେଞ୍ଜ' କୁହାଯାଏ। ଏହି ପ୍ରକ୍ରିୟା ହେବା ଲାଗି ଜଳର ଲଗାତାର ପ୍ରବାହ ହେବା ଜରୁରୀ। ହେଲେ ଯଦି ପାଣି ସ୍ଥିର ହୋଇଯାଏ ଅବା ଜଳରେ ଅମ୍ଳଜାନ ମାତ୍ରା କମ୍ ଥାଏ ତେବେ ମାଛକୁ ଅମ୍ଳଜାନ ମିଳିପାରେନା। ସେ ଅଣନିଶ୍ୱାସୀ ହୋଇ ବୁଡି ମରିଯାଏ।



ସାଧାରଣତଃ ଜଳରେ ମିଶ୍ରିତ ଅମ୍ଳଜାନର ମାତ୍ରା ବହୁତ କମ୍ ହୋଇଥାଏ। ବାୟୁ ତୁଳନାରେ ମାତ୍ର ୧% ଅମ୍ଳଜାନ ଜଳରେ ଥାଏ। ଗରମ ପାଣିରେ ଏହାର ମାତ୍ରା ଆହୁରି କମ୍। ତେଣୁ ଗ୍ରୀଷ୍ମ ଋତୁର ମରାଇନ୍ ହିଟ୍‌ୱେଭ୍ ବେଳେ ମାଛଗୁଡ଼ିକ ସାମୁହିକଭାବେ ମୃତ୍ୟୁବରଣ କରନ୍ତି। ଏହାବାଦ୍ ଜଳରେ ଅତ୍ୟଧିକ ଶୈବାଳ ହେବା ବା ଆଲଜାଏ ବ୍ଲୁମ୍ ହେଲେ ବି ଜଳରେ ଅମ୍ଳଜାନ ସ୍ତର କମିଯାଏ। ଆକ୍ୱାରିୟମ ବା ପୋଖରୀରେ ଯଦି ଏରେଟର ବା ଅକ୍ସିଜେନ ପମ୍ପ ନ ଥାଏ, ତେବେ ମାଛଗୁଡ଼ିକ ଜଳର ପୃଷ୍ଠଭାଗକୁ ଆସି ପାଟି ଖୋଲି ଶ୍ୱାସକ୍ରିୟା କରିବାକୁ ଚେଷ୍ଟା କରନ୍ତି। ଏମିତି କରି କରି ଶେଷରେ ଥାକି ଯାଇ ମୃତ୍ୟୁବରଣ କରନ୍ତି। ବୈଜ୍ଞାନିକଙ୍କ ଅନୁଯାୟୀ ୩୦୦ରୁ ଉର୍ଦ୍ଧ୍ୱ ଏମିତି କେସ୍ ନଜରକୁ ଆସିଛି ଯେଉଁଠି ମାଛମାନେ ପାଣି ଭିତରେ ହିଁ ସଫୋକେଶନ୍‌ରେ ମୃତ୍ୟୁବରଣ କରିଛନ୍ତି।

ତେବେ ଡିସ୍କଭର ୱାଲ୍ଡ ଲାଇଫ୍ ,ଲାଇଭ୍ ସାଇନ୍ସ ଓ ୟୁନିଭର୍ସିଟି ଅଫ୍ ମିଆମୀର ରିପୋର୍ଟ କହେ– ମାଛ ବୁଡିପାରନ୍ତି, କିନ୍ତୁ ଫୁସ୍‌ଫୁସ୍‌ରେ ପାଣି ଭରିବା ଯୋଗୁ ନୁହେଁ। ବରଂ ଅମ୍ଳଜାନ ନ ମିଳିବା ଯୋଗୁ। ଯଦି ମାଛର ଗିଲ୍ସ କ୍ଷତିଗ୍ରସ୍ତ ହୁଏ ଅବା ଜଳ ପ୍ରଦୁଷିତ ହୋଇଥାଏ, ଏମିତି କ୍ଷେତ୍ରରେ ମାଛ ବୁଡ଼ି ପାରନ୍ତି।

# ବାଇକର୍ ଦାଦୀ



ବଢୁଥିବା ବୟସ କେବେ ମନୋବଳକୁ କମାଇ ପାରେନା। ୮୭ ବର୍ଷୀୟା ମନ୍ଦାକିନୀ ଶାହ ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ। ଅହମ୍ମଦାବାଦରେ ରହୁଥିବା ମନ୍ଦାକିନୀ ଯେତେବେଳେ ରାସ୍ତାରେ ସ୍କୁଟର ଚଲାଇ ଯାଆନ୍ତି ଓ ସ୍କୁଟର ସହ ଯୋଡି ହୋଇଥିବା ସାଇଡ୍ କାର୍‌ରେ ବସିଥାଆନ୍ତି ତାଙ୍କ ୮୪ ବର୍ଷୀୟା ଭଉଣୀ, ସମସ୍ତଙ୍କ ନଜର ପଡ଼େ ତାଙ୍କରି ଉପରେ। ଏ ବୟସରେ ବେଶ୍ ବିନ୍ଦାସ୍ ଅନ୍ଦାଜ୍‌ରେ ସ୍କୁଟର ଚଳାନ୍ତି। ଦୁଇ ଭଉଣୀ ସ୍କୁଟର ରାଇଡ୍‌ର ମଜା ଉଠାନ୍ତି। କେହି ଯଦି ପଚାରନ୍ତି ଏ ବୟସରେ ପୁଣି ସ୍କୁଟର ଚଳାଉଛନ୍ତି ? ମନ୍ଦାକିନୀ କୁହନ୍ତି, 'କାହିଁକି ନୁହେଁ? ବୟସ ସହ ଏହାର ସମ୍ପର୍କ କ'ଣ ? ମନ ଯଦି ଦୃଢ ସବୁ ସମ୍ଭବ। ତା'ଛଡ଼ା ମୁଁ ତ ୬୨ ବର୍ଷ ବୟସରେ ସ୍କୁଟର ଚଳାଇବା ଶିଖିଲି। ଆଗରୁ ଶିଖି ନ ଥିଲି। କିଛି ନୂଆ ଶିଖିବା ଓ ଦୁଃସାହସିକ କରିବା ପାଇଁ ବୟସ ନୁହେଁ ଦୃଢ ମନୋବଳ ଜରୁରୀ।' ମନ୍ଦାକିନୀଙ୍କ ବାପା ଜଣେ ସ୍ୱାଧିନତା ସଂଗ୍ରାମୀ ଥିଲେ। ଘରେ ଅଭାବ ସବୁବେଳେ ଲାଗି ରହିଥିଲା। ଛଅ ଭାଇ ଭଉଣୀ ଭିତରେ ମନ୍ଦାକିନୀ ଥିଲେ ବଡ଼। ତେଣୁ ଘରର ଦାୟିତ୍ୱ ସେ କମ୍ ବୟସରୁ ଉଠାଇବା ଆରମ୍ଭ କରିଦେଇଥିଲେ। ୧୬ ବର୍ଷ ବୟସରେ ମନ୍ଦାକିନୀ ବାଲ ମନ୍ଦିରରେ ମଣ୍ଟେସୋରୀ ଶିକ୍ଷକ ହେଲେ। ପରେ ସୋସିଆଲ ୱେଲଫେର ପ୍ରୋଜେକ୍ଟରେ କାମ କଲେ। ବିଭିନ୍ନ ମହିଳା ଗୋଷ୍ଠି, ପଞ୍ଚାୟତ ମିଟିଂ ଓ ବିଭିନ୍ନ ସଂଘକୁ ଯାଇ ମହିଳାଙ୍କୁ ତାଙ୍କ ଅଧିକାର ସମ୍ପର୍କରେ ଅବଗତ କରାଇଲେ। ତେଣୁ ସେ ୬୨ ବର୍ଷ ବୟସରେ ମୋପେଡ ଚଳାଇବା ଶିଖିଲେ। ପରେ ଏକ ସେକେଣ୍ଡହାଣ୍ଡ ସ୍କୁଟର କିଣି ଚଳାଇବା ଆରମ୍ଭ କଲେ। ଏମିତି ଦାୟିତ୍ୱ ତୁଲାଇବା ଭିତରେ ସେ ବିବାହ କରି ନାହାନ୍ତି। ନିଜ ଇଛାରେ ମୁକ୍ତଭାବେ ଜିଉଛନ୍ତି। ଭଉଣୀ ସହ ସ୍କୁଟର ରାଇଡ୍‌ର ମଜା ଉଠାଉଛନ୍ତି।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ପରୀକ୍ଷା ଚର୍ଚ୍ଚା

କେହି ଜଣେ ଚିନ୍ତକ  କହିଥିଲେ ଯେଉଁ ଶିକ୍ଷକଙ୍କୁ କପି କରିବାର କୌଶଳ ଜଣା ଅଥବା କପି କରି ପାସ କରିଥାନ୍ତି ସେମାନେ ଭଲ କପି ଧରିପାରନ୍ତି । ପିଲା କପିର ଚିରୁକୁଟିକୁ କେଉଁଠି କେମିତି ଲୁଚାନ୍ତି ସେମାନେ ଦେଖିପକାନ୍ତି। ଆଖି ଡୋଳା ନୁହେଁ ଯେମିତି ଏକ୍ସରେ ମେସିନ ସେହି ସବୁ ମାଷ୍ଟରଙ୍କର । ପ୍ରତ୍ୟେକ ସ୍କୁଲରେ ଏମିତି ଜଣେ ଶିକ୍ଷକ ନିଶ୍ଚିତ ଥାନ୍ତି । ଏମାନେ ସ୍କୁଲରେ ପିଲାଙ୍କୁ ପାଠ ପଢ଼େଇବା ଠାରୁ ସ୍କୁଲର ବିଭିନ୍ନ  ମାମଲତି କାମରେ ବେଶି ସକ୍ରିୟ ଥାନ୍ତି । କପି ଧରିବାରେ ପୋଲିସ କୁକୁର ଠାରୁ ଆହୁରି ଧୁରନ୍ଧର ଏମାନେ । ପ୍ରଧାନ ଶିକ୍ଷକ ଜାଣିଶୁଣି ସେହି ଶିକ୍ଷକଙ୍କୁ ପ୍ରବେଶ ଦ୍ୱାର ନିକଟରେ ଛିଡା କରେଇ ପିଲାମାନଙ୍କ ତଲାସୀ କାମଟି ସମ୍ପାଦନ କରାନ୍ତି। କପି ଲୁଚେଇଥିବା କୌଣସି ପରୀକ୍ଷାର୍ଥୀ ଏମାନଙ୍କ ଦୃଷ୍ଟିରୁ ଖସି ଯିବା ଅସମ୍ଭବ ।  ପିଲାଙ୍କ ଏପରି ଜାଗାର ତଲାସୀ ହୁଏ  ଯାହା ପିଲା କେବେ ସ୍ୱପ୍ନରେ ବି ଭାବି ନଥିବ। ଏଥିରୁ ଗୋଟିଏ କଥା ନିଶ୍ଚିତ ଯେ,  ଶିକ୍ଷକ ତାଙ୍କ ସ୍କୁଲ ପରୀକ୍ଷା ସମୟରେ ଏଇସବୁ ଜାଗାରେ କପି ଲୁଚେଇ ନିଶ୍ଚେ ଧରାପଡିଛନ୍ତି କିମ୍ବା ତାଙ୍କ ଗୁରୁ ତାଙ୍କର ଏଇ ସବୁ ସମ୍ଭାବ୍ୟ ଜାଗାମାନଙ୍କରେ ତଲାସୀ ନେଇଥିଲେ । ପିଲାମାନଙ୍କ ତଲାସୀ ନେଉଥିବାର ଏମାନଙ୍କ ଆଗ୍ରହ ଓ କୌଶଳ ଦେଖିଲେ ଲାଗିବ ଯେମିତି ଦେଶରୁ କପି ଦୂର କରିବାକୁ ଏ ଗୁରୁ ଦାୟିତ୍ୱ ମଲା ପୂର୍ବରୁ ଗାନ୍ଧିଜୀ ତାଙ୍କୁ ଦେଇ ଯାଇଥିଲେ ।

କିଛି ପିଲା ବର୍ଷଯାକ ମସ୍ତି କରି ଆଜି ନୁହେଁ ଆସନ୍ତା କାଲି ଠାରୁ, ଗଣେଶ ପୂଜା ପରଠାରୁ, ଦଶହରା ପରଠାରୁ ସରସ୍ୱତୀ ପୂଜା ଯାଏ ପାଠପଢ଼ା କାର୍ଯ୍ୟକୁ ଡିଆଁଇଁ ଡିଆଁଇଁ ପରୀକ୍ଷା ସମୟରେ ବଡ଼ ଧାର୍ମିକ ହୋଇଯାଆନ୍ତି। ସକାଳେ ସଞ୍ଜରେ ଠାକୁରଙ୍କ ଦର୍ଶନ ସହ ବାସ୍ତୁ ଠାରୁ ନେଇ ତାବିଜ ବିଦ୍ୟା ଯାଏ ସବୁ  ବିଶ୍ୱାସକୁ ଅକ୍ଷରେ ଅକ୍ଷରେ ପାଳନ୍ତି ।  ଦିନେ କେବେ ମନ୍ଦିର ଯାଇ ନଥିବା ପିଲା ପରୀକ୍ଷା ପୂର୍ବରୁ ମନ୍ଦିରମାନଙ୍କରେ ଦେଖାଯାଆନ୍ତି । ଦୀପ ଜାଳନ୍ତି, ନଡ଼ିଆ ବାଡ଼ାନ୍ତି, ନିଜ ନାଁରେ ଜଳଲାଗି କରନ୍ତି ।  ମନ୍ଦିରରେ ଏପରି ପରୀକ୍ଷାର୍ଥୀମାନେ ଆପେ ଜଣା ପଡିଯାଆନ୍ତି । ଏମାନେ ମନ୍ଦିରର ପ୍ରବେଶପଥର ପାହାଚ ଠାରୁ ନେଇ ଦ୍ୱାରପାଳ ଦେବତାଙ୍କ ଯାଏ ସବୁଠି ଭୂମିଷ୍ଠ ପ୍ରଣାମ କରନ୍ତି । ପ୍ରଭୁଙ୍କ ଜଟା ହେଇଯାଇଥିବା ଜନ୍ମ ବାଳ ଦେଇ ଯେମିତି ଲୋକେ ପିଲା ପାଇଁ ଶତାୟୁ ହେବାର ବର ମାଗି ନିୟନ୍ତି ସେମିତି ବର୍ଷ ଯାକ ପାଠ ନପଢି ମସ୍ତି କରୁଥିବା ପିଲା ମନ୍ଦିର ଦାନ ବାକ୍ସରେ ଟଙ୍କିକିଆ କଏନ ପକେଇ ବେଷ୍ଟ-ଟେନ ଭିତରେ ଯିବାର ବର ମାଗନ୍ତି ।

ବିଶ୍ୱଗୁରୁ ଭାରତରେ ଗୁରୁମାନଙ୍କ ଅଭାବ ନାହିଁ । ବଜେଟ ସମୟରେ ଅର୍ଥନୀତିଜ୍ଞ, ନିର୍ବାଚନ ସମୟରେ ରାଜନୀତିବିଜ୍ଞାନୀ ଓ ପରୀକ୍ଷା ସମୟରେ ଶିଶୁ ମନୋବିଜ୍ଞାନୀମାନଙ୍କ ଭଳି ସ୍ୱୟଂଭୂ ବିଦ୍ୱାନମାନଙ୍କୁ ଦେଖିଲେ ଜଣେ ଜାଣିପାରିବ ଯେ, ବିନା ଅଶ୍ୱତ୍ଥଗଛ ତଳ ତପସ୍ୟାରେ ବୁଦ୍ଧତ୍ୱ ପ୍ରାପ୍ତି ମଧ୍ୟ ସମ୍ଭବ । ପରୀକ୍ଷା ସିଜନ ଆରମ୍ଭ ହେବା ପୂର୍ବରୁ ସୋସିଆଲ ମିଡିଆରେ ଆରମ୍ଭ ହୋଇଯାଏ ପ୍ରତିକାର ପ୍ରବଚନ। କେଉଁ ବାବା ପାନ ପତ୍ରରେ ଶହେ ଆଠ ଥର ଦୁର୍ବଳ ଥିବା ବିଷୟର ନାଁ ଲେଖି ପୂଜା ଘରେ ରଖିବାକୁ କହିଲେଣି ତ ଆଉ କିଏ ପ୍ରତ୍ୟହ ଧଳା ଗାଈକୁ ରୁଟି ଖାଇବାକୁ ଦେଲେ ପାସ କରିବାର ଗ୍ୟାରେଣ୍ଟି ଦେଲେଣି । କିଏ ଲକୀ ନମ୍ବର ବାଁ କଲେଇରେ ନୀଳ ସ୍ୟାହିରେ ଲେଖିବାକୁ ପ୍ରବର୍ତ୍ତେଇଲାଣି ତ କିଏ ବର ଗଛ ତଳେ ରାଶିତେଲର ଦୀପ ଜାଳିବାକୁ କହିଲାଣି । ଶିକ୍ଷାବିତ, ମନସ୍ତତ୍ତ୍ୱବିତ, ମୋଟିଭେଟର୍ ଏହି ପରୀକ୍ଷା ସମୟରେ ଭେଳା ଭେଳା ହୋଇ ସୋସିଆଲ ମିଡିଆରେ ଖୁନ୍ଦି ହୋଇଯାଆନ୍ତି । ସେ ବାବା ହୁଅନ୍ତୁ କି ରାଜନେତା ଯେଉଁମାନେ କେବେ କଲେଜ ଦୁଆର ମାଡି ନାହାନ୍ତି ସେମାନେ ଏବେ ପିଲାଙ୍କୁ ବେଶି  ନଲେଜ ବାଣ୍ଟୁଥିବା ଦେଖାଯାଉଛି। ଏମାନଙ୍କ ବାଦେ ଆଉ କିଛି ଅଛନ୍ତି ଯେଉଁମାନେ କେଉଁଠି ବି ସାମାନ୍ୟତମ ସୁଯୋଗ ପାଇଲେ ଉପରେ ପଡି ପିଲାମାନଙ୍କୁ ଜୀବନ ଦର୍ଶନର ଶିକ୍ଷା ଦିଅନ୍ତି  । ସେମାନଙ୍କୁ କେହି ପଚାରୁ କି ନପଚାରୁ  କେଉଁଠି ପରୀକ୍ଷାର୍ଥୀଙ୍କୁ ଦେଖିଲେ ଏମାନଙ୍କ ବାକ୍ ଗଲୁ ଦୋଷ ବାହାରେ ।  ସ୍କୁଲ ପରୀକ୍ଷା ଜୀବନର ଅନ୍ତ ନୁହେଁ । ଏହାକୁ ଏତେ ଗୁରୁତ୍ୱ ଦେବା ଉଚିତ ନୁହେଁ । ଚାପମୁକ୍ତ ରୁହ । ଅଧିକ ମାନସିକ ଚାପ ନିଅନି ଭଳି ନିତିବାଣୀ ଝାଡୁଥିବା ଏହି ଲୋକଙ୍କୁ ଦେଖିଲେ ଫାଶୀ ଖୁଣ୍ଟରେ ଛିଡା ହୋଇଥିବା ଆସାମୀର ଆତ୍ମା ଶୁଦ୍ଧି ପାଇଁ ପୂଜକର




ବେଦ ପାଠ ଭଳି ମୋତେ ଲାଗେ। ଫାଶୀ ପୂର୍ବରୁ କରାଯାଉଥିବା ବେଦ ଉଚ୍ଚାରଣ  ଯେଉଁ ମାର୍ଗ ଦେଇ  ଫାଶୀ ପାଉଥିବା ଲୋକର  ଆତ୍ମାକୁ ଶୁଦ୍ଧି କରୁଥିବ ଠିକ ସେହିଭଳି ପାଠ ନ ପଢ଼ି ପରୀକ୍ଷା ଦେବାକୁ ଯାଉଥିବା ଅସ୍ଥିର ଶଂକାକୁଳ ପିଲାର ଭିତରକୁ ଏ ସବୁ ନୀତିବାଣୀ ସେହି ମାର୍ଗ ଦେଇ ଭେଦୁଥିବ ।

ଏବେ ମାର୍କେଟିଂର ଯୁଗ । ଛୁଆ ଜନ୍ମ ନ ହେଉଣୁ ଆସନ୍ନପ୍ରସବାଙ୍କ ମୋବାଇଲକୁ ଶିଶୁ ଖାଦ୍ୟ ଠାରୁ ନେଇ ଖାସ ପିଲାମାନଙ୍କ ପାଇଁ ସାବୁନ ପାଉଡର ପ୍ରସ୍ତୁତ କରୁଥିବା କମ୍ପାନୀମାନଙ୍କ ମେସେଜ ଆସିବା ଆରମ୍ଭ ହେଇଯାଉଛି।  ଲୋକ ମରିବା ପୂର୍ବରୁ ବୟସ୍କ ବୃଦ୍ଧମାନଙ୍କ ପାଖକୁ ସ୍ୱର୍ଗରଥ ଓ ଅନ୍ତେଷ୍ଟିକ୍ରିୟା ସେବା ଯୋଗାଉଥିବା କମ୍ପାନୀମାନଙ୍କ ମେସେଜ ଆସୁଛି। ପିଲା ଦଶମ ଶ୍ରେଣୀର ବାଡ଼ ନଡେଉଣୁ ଏପରିକି ଅର୍ଦ୍ଧବାର୍ଷିକ ପରୀକ୍ଷା ନଯାଉଣୁ କୋଚିଂ ସେଣ୍ଟରରୁ ଘନ ଘନ ଫୋନ ଆସିବା ଆରମ୍ଭ ହେଇଯାଉଛି । ସେଠୁ ଯେଉଁମାନେ ଖସିଗଲେ ସେମାନେ ପରୀକ୍ଷା ଚାଲୁଥିଲାବେଳେ ଗେଟ ପାଖରେ ନାମ ଲେଖା ପାଇଁ ପ୍ରଚାର କରୁଥିବା ବିଭିନ୍ନ କୋଚିଂ ସେଣ୍ଟର ଓ ଘରୋଇ ସ୍କୁଲମାନଙ୍କ ହାବୁଡ଼ରେ ପଡନ୍ତି। ଗୋଟେ ହେଲା ଇନ୍ସୁରାଂସ କମ୍ପାନୀ ଆଉ ଗୋଟେ ହେଲା କୋଚିଂ ସେଣ୍ଟର। ମା ପେଟରେ ଥିବା ଛୁଆଙ୍କଠାରୁ ନେଇ ପ୍ରୌଢ଼ଶିଖା ପର୍ଯ୍ୟନ୍ତ ସବୁ ବର୍ଗର ଓ ସବୁ ଯୋଗ୍ୟତାର ଲୋକଙ୍କ ପାଇଁ ଏମାନଙ୍କ ପାଖରେ ଯୋଜନା ଥାଏ ।  ଯାହାଙ୍କୁ ଆମେ ବିଦ୍ୟାର୍ଥୀ ବୋଲି କହୁ ଏମାନଙ୍କ ପାଇଁ ସେମାନେ ଜଣେ ଜଣେ ଗରାଖ ଈଶ୍ୱର । ଯେନତେନ ପ୍ରକାର ଈଶ୍ୱରମାନଙ୍କୁ ନିଜ ନିଜ କୋଚିଂ ସେଣ୍ଟର  ଆଡକୁ ଅଡେଇ ଆଣିବା କଥା ।

ଘର ପାଖ ଗୋଟେ ପରୀକ୍ଷା କେନ୍ଦ୍ର ସାମ୍ନା ଦେଇ ଯାଉଥିବା ବେଳେ ଜଣେ ଲୋକ ମୋ ପାଖକୁ ଆସି ଅତ୍ୟନ୍ତ ନମ୍ର ସ୍ୱରରେ କହିଲା ଆପଣଙ୍କ ସହ ପାଞ୍ଚ ମିନିଟ କଥା ହୋଇପାରିବି କି ? ମୋ ସମ୍ମତିକୁ ଅପେକ୍ଷା ନ କରି ଖଣ୍ଡେ ରଙ୍ଗୀନ କାଗଜ ମୋ ହାତକୁ ବଢେଇ କହିଲେ ଆମ କୋଚିଂ ସେଣ୍ଟରରେ ମେଡ଼ିକାଲ ଓ ଇଞ୍ଜିନିୟରିଂ ପାଇଁ କୋଚିଂ ଦିଆ ଯାଉଛି । ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଲୁଗା ଦୋକାନର ସୋ କାଚ ଭିତରେ ରଖା ଯାଇଥିବା ମାନେକ୍ୱିନ ଭଳି ଗୁଡାଏ ପିଲାଙ୍କ ଫୋଟ ଦେଖେଇ କହିଲା ଏ ଯେଉଁ ପିଲାମାନଙ୍କ  ଫୋଟ ଏଠି ଦେଖୁଛନ୍ତି ଏମାନେ ସବୁ ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ଟପ୍ପର ହେଇଛନ୍ତି । ମୁଁ କହିଲି , ଏ ପିଲାମାନଙ୍କ ଭିତରୁ ଦୁଇ ତିନି ଜଣଙ୍କ ଫୋଟ ଗତକାଲି ଆଉ ଜଣେ କୋଚିଂ ସେଣ୍ଟର ବାଲାଙ୍କ କାଗଜରେ ଦେଖିଥିଲି । ତାଙ୍କୁ ଅପ୍ରସ୍ତୁତ ହେବା ଦେଖି ମୁଁ କଥାର ମୋଡ଼ ବଦଳେଇଲି । "ଧରି ନିଅନ୍ତୁ ଯଦି ପିଲାର ପରୀକ୍ଷା ଫଳ ବାହାରିଲା ପରେ ଜଣାପଡିବ ସେ ମେଡ଼ିକାଲ ପ୍ରବେଶିକା ପରୀକ୍ଷା ପାଇଁ ଯୋଗ୍ୟ ନୁହେଁ ତେବେ କଣ କରାଯିବ ! "  ସେ ଲୋକ କାଗଜ ଓଲଟେଇ ପଛ ପଟେ ଆଉ ଗୋଟେ ଜାଗାରେ ଆଙ୍ଗୁଠି ରଖି କହିଲା ଦେଖନ୍ତୁ ଯେଉଁମାନେ କମ  ମାର୍କ ରଖିବେ ସେମାନଙ୍କ ପାଇଁ ଆମର ଏହି କୋର୍ସ ଅଛି । ମୁଁ ପୁଣି ପଚାରିଲି, ଯଦି ପିଲା ପରୀକ୍ଷାରେ ଫେଲ ହୋଇଯାଏ ତେବେ..ମୋତେ ଅଧାରୁ ଅଟକେଇ କହିଲା," ସେମାନଙ୍କ ପାଇଁ ବି ଆମର କୋଚିଂ ବ୍ୟବସ୍ଥା ଅଛି।  ତଳେ ଯେଉଁ ପିଲାମାନଙ୍କ ଫଟୋ ଦେଖୁଛନ୍ତି ଏମାନେ ସବୁ ଫେଲ ପିଲା । ଆମ କୋଚିଂ ସେଣ୍ଟରରେ ପଢିଲା ପରେ ସବୁ ପିଲା ନାଇଣ୍ଟି ଫାଇଭ ପରସେଣ୍ଟରୁ ଅଧିକ ରଖିଛନ୍ତି । ଆମେ ମାତ୍ର ଅଳ୍ପ ପିଲାଙ୍କୁ ଆଡ୍‌ମିଶନ କରୁଛୁ । ଆପଣ ପ୍ରବେଶିକା ପରୀକ୍ଷା ପାଇଁ ଏତିକି ଟଙ୍କା ଦେଇ ଫର୍ମ କିଣନ୍ତୁ। ମୁଁ ମନେ ମନେ ଭାବିଲି ଏପଟେ ପିଲାଙ୍କ ପରୀକ୍ଷା ସରିନି ଆଉ ସେପଟେ ଅଭିଭାବକଙ୍କ ଠାରୁ ଉପର ଶ୍ରେଣୀରେ ଆଡ୍‌ମିଶନ ପାଇଁ ପ୍ରବେଶିକା ଦେୟ ଆଦାୟ କଲେଣି । ପରୀକ୍ଷା ଫଳ ବାହାରିବା ପୂର୍ବରୁ କେବଳ ପ୍ରବେଶିକା ପରୀକ୍ଷା ପାଇଁ ଫର୍ମ ବିକି ଲକ୍ଷାଧିକ ଟଙ୍କା ଆଦାୟ କରିବାର ଏକ ନୂତନ ସ୍କାମ ଏବେ ଜୋର ଧରିଛି । ନିଜ ମନର କଥା ମନରେ ରଖି କହିଲି , ଦେଖନ୍ତୁ ମୋର କେହି ପିଲା ପରୀକ୍ଷା ଦେଉନାହାନ୍ତି। ମୁଁ ତ ପରିବା କିଣିବାକୁ ଯାଉଥିଲି ଆପଣ ମୋତେ ଅଟକେଇ ସେତିକିବେଳୁ ବୁଝାଉଛନ୍ତି । ସେ ଲୋକଟି ଟିକେ ରହି ପୁଣି କହିଲା ସାର୍, ଠିକଭାବେ କେମିତି ଘର ଚଳେଇବ ସେଥିପାଇଁ ଆମର ତିନିମାସିଆ କୋର୍ସ ଅଛି । ଆପଣ ମ୍ୟାଡାମଙ୍କ ଫୋନ ନମ୍ବର ଦିଅନ୍ତୁ ମୁଁ ଯାଇ ତାଙ୍କୁ ଘରେ ଦେଖା କରିବି।  ମୁଁ କହିଲି, ଯାହା ଜଣାପଡୁଛି ଆଡମିଶନ ପାଇଁ ତୁମେ ଲୋକଙ୍କ ଘରେ ଧସେଇ ପଶିଯିବ । ଆଚ୍ଛା, ସ୍ତ୍ରୀମାନଙ୍କୁ କେମିତି ଅଧୀନରେ ରଖିହେବ ସେଥିପାଇଁ ସ୍ୱାମୀମାନଙ୍କ ପାଇଁ କିଛି କୋର୍ସ ଅଛି କି ? ମୋ କଥା ଶୁଣି ଲୋକଟା କାନମୂଳ କୁଣ୍ଡେଇ କହିଲା ସେଇ ଗୋଟିଏ କୋର୍ସକୁ ଛାଡି ବାକି ସବୁ ଅଛି । ସେ କୋର୍ସ ପାଇଁ ପାଠ୍ୟପୁସ୍ତକ ଏ ଯାଏ ପ୍ରସ୍ତୁତ ହୋଇନି।

*-ବନମାଳୀ ଭବନ, ଖାନ୍ ନଗର, କଟକ*


*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ମୂର୍ଚ୍ଛିତ ମୋକ୍ଷ

ଲେଖକ-କଥାକାର ବଦ୍ରୀ ମିଶ୍ର

ପ୍ରକାଶକ: ଜଗନ୍ନାଥ ରଥ  ବିନୋଦବିହାରୀ, କଟକ-୨,  ମୂଲ୍ୟ- ୧୨୫ ଟଙ୍କା




ସମାଜକୁ ଶୃଙ୍ଖଳିତ କରିବା ପାଇଁ ମନିଷୀ ଓ କଥାକାରମାନେ ସୃଷ୍ଟି କରିଛନ୍ତି ଅନେକ ଚରିତ୍ର। ଏହି ଗଳ୍ପ ସଂକଳନର ୧୦୮ପୃଷ୍ଠା ମଧ୍ୟରେ ୧୪ଟି ବିଷୟରେ ଏକାଧୀକ ଚରିତ୍ରମାନଙ୍କ କଥା ରହିଛି। ବିଶେଷକରି ପୁରାଣ, ମହାପୁରାଣ, ଭାଗବତ, ଇତିହାସ ଓ ଲୋକକଥା ଭିତରେ ଥିବା ଯେଉଁ ଅଲୋଡ଼ା ଉପେକ୍ଷିତ, ନିନ୍ଦିତ ଓ ଲୁକାୟିତ ଚରିତ୍ରମାନଙ୍କୁ ନେଇ ସଂକଳନଟି ସଂପାଦିତ । ଗଳ୍ପରେ ଥିବା ଚରିତ୍ରମାନଙ୍କ ତ୍ୟାଗ, ସାଧନାକୁ ଲେଖକ ଛାତିରେ ଜାବୁଡ଼ିଧରି ସେମାନଙ୍କ ଲୁହ ପୋଛିଦେବାର ଇଚ୍ଛା କରିଛନ୍ତି। ସେହି ଚରିତ୍ରମାନଙ୍କ ପାଖରେ ଠିଆହୋଇ ତାଙ୍କ ଆବେଗ ଓ ଦୃଷ୍ଟିଭଙ୍ଗୀକୁ ସତେ ଯେମିତି ସେ ଅନୁଭବ କରୁଛନ୍ତି। ଚରିତ୍ରମାନଙ୍କ ମହନୀୟତା ଗାଳ୍ପିକଙ୍କୁ ମୋହାବିଷ୍ଟ କରୁଛି। ଗଳ୍ପସଂକଳନର ପ୍ରତିଟି ଗପ ସୁନ୍ଦର ସାବଲୀଳ ଭାବେ ବର୍ଣ୍ଣିତ ହୋଇଛି। ପୁସ୍ତକଟି ପାଠକୀୟ ଶ୍ରଦ୍ଧାଲାଭ କରିବା ସହିତ ଏକ ପ୍ରେରଣାଦେବ ବୋଲି ଆଶା କରାଯାଏ।

### ଗପ ନୁହେଁ ସତକଥା

ଲେଖକ :ନିର୍ମଳ ମିଶ୍ର

ପ୍ରକାଶକ :ସର୍ଜନା,  ଗୋସାଇଁ ନୂଆଗାଁ, ବ୍ରହ୍ମପୁର -୩, ମୂଲ୍ୟ - ୭୦ ଟଙ୍କା

କୋଡିଏଟି କାହାଣୀକୁ ନେଇ ଲେଖକ  ନିର୍ମଳ ମିଶ୍ର ଏଇ ବହିଟିକୁ ରଚନା କରିଛନ୍ତି। ପ୍ରତିଟି ଗପର ପୃଷ୍ଠଭୂମି କୌଣସି ଏକ ଇତିହାସର କଥାବସ୍ତୁକୁ ଆଧାର କରି ଲେଖା ଯାଇଛି। ତେଣୁ ଗପ ପଢିବାବେଳେ ବାସ୍ତବତାର ଅନୁଭବ ହୁଏ। ଘଟଣାଗୁଡ଼ିକ ଆଖି ସାମ୍ନାକୁ ଚାଲିଆସେ। ଗପଗୁଡ଼ିକରେ ସତ୍ୟଘଟଣା ଲୁଚି ରହିଛି, ଯାହା ଲେଖକଙ୍କ ରଚନାରେ ଅଧିକ ପରିମାଣରେ ଜୀବନ୍ତ ହୋଇଉଠିଛି। ତାହା ହିଁ ଏଇ କାହାଣୀ ବହିର ବିଶେଷତ୍ୱ। ବହିଟି ପ୍ରତ୍ୟେକ ବର୍ଗର ପାଠକଙ୍କ ମନକୁ ଟାଣି ଧରିବ। ବହିଟି ବହୁମାତ୍ରାରେ ପାଠକୀୟ ଶ୍ରଦ୍ଧାଭାଜନ ହେବ ବୋଲି ଆଶା କରାଯାଏ।



# ୧୭ ବର୍ଷ ବୟସରେ ୧୧ ଗିନିଜ୍ ରେକର୍ଡ

ଚଣ୍ଡିଗଡ଼ର ଜାନବୀ ଜିନ୍ଦଲ। ବୟସ ମାତ୍ର ୧୭ ବର୍ଷ। ହେଲେ ଏଇ ବୟସରେ ସେ ଖେଳ ଜଗତରେ ରଚିଛନ୍ତି ଇତିହାସ। ସ୍କେଟିଂରେ ଅଜବ କାରନାମାସବୁ କରି ପାଲଟିଛନ୍ତି ଭାରତର ସର୍ବାଧିକ ଗିନିଜ ୱାର୍ଲଡ ରେକର୍ଡଧାରୀ ମହିଳା। ସର୍ବାଧିକ ୧୯ଟି ଗିନିଜ୍ ରେକର୍ଡ ଥିବା ସଚିନ୍ ତେନ୍ଦୁଲକର୍‌ଙ୍କ ପରେ ୧୧ଟି ଗିନିଜ୍ ୱାର୍ଲଡ ରେକର୍ଡ କରି ଜାନବୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏତେ ରେକର୍ଡ କରିଥିବା ଜାନବୀ କିନ୍ତୁ ସ୍କେଟିଂରେ କୌଣସି ତାଲିମ ନେଇ ନାହାନ୍ତି। ସ୍ଥାନୀୟ ସଡ଼କ ଓ ଖୋଲା ପଡ଼ିଆରେ ଘଣ୍ଟା ଘଣ୍ଟା ୟୁଟ୍ୟୁବ୍ ଟ୍ୟୁଟୋରିଆଲ ଦେଖି ଅଭ୍ୟାସ କରି ସ୍କେଟିଂସ୍‌ରେ ନିଜେ ନିଜକୁ ପ୍ରଶିକ୍ଷିତ କରାଇଛନ୍ତି। କେବଳ ଯେ ସ୍କେଟିଂ କରିବା ନିଜେ ଶିଖିଛନ୍ତି ତାହା ନୁହେଁ, ସ୍କେଟିଂ ମାଧ୍ୟମରେ ଅଜବ କାରନାମାସବୁ କରିବା ବି ନିଜେ ନିଜେ ଅନେକ ଅଭ୍ୟାସ କରି ଶିଖିଛନ୍ତି। ସ୍କେଟିଂ



କରି କରି ସେ ଭାଙ୍ଗଡ଼ା ଓ ଯୋଗ କରିପାରନ୍ତି। ନିଜେ ନିଜକୁ ଗଢି ସେ ଭାରତର ଜଣେ ଫ୍ରିଷ୍ଟାଇଲ ସ୍କେଟର୍ସ ପାଲଟିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ସେ ପ୍ରଥମେ ଗିନିଜ ୱାର୍ଲଡ କରିଥିଲେ। ଆଉ ବର୍ଷକ ଭିତରେ ସେ ଭାରତର ଦ୍ୱିତୀୟ ସର୍ବାଧିକ ଗିନିଜ ୱାର୍ଲଡ ରେକର୍ଡଧାରି ପାଲଟିଗଲେ। ତାଙ୍କ ନାଁରେ ପ୍ରମୁଖ ୨୧ଟି ରେକର୍ଡ ଅଛି। ସେଥିମଧ୍ୟରେ ୧୧ଟି ଗିନିଜ ୱାର୍ଲଡ ରେକର୍ଡ, ୮ଟି ଇଣ୍ଡିଆ ବୁକ୍ ରେକର୍ଡ, ଗୋଟିଏ ଏସିଆ ବୁକ୍ ରେକର୍ଡ ଓ ଗୋଟିଏ ୱାର୍ଲଡୱାଇଡ ବୁକ୍ ଅଫ୍ ରେକର୍ଡସ୍ ଅଛି।



# ପାଣିରେ ଭାସୁଛି ଗାଁ

ଏମିତି ଏକ ଗାଁ ଯେଉଁଠି ଘର ଭୂମି ଉପରେ ନ ଥାଏ। ବରଂ ଜଳର ପୃଷ୍ଠଭାଗରେ ଭାସମାନ ଅବସ୍ଥାରେ ଥାଏ। ସାମାନ୍ୟ ପବନ ଓ ପାଣିରେ ଛୋଟ ଛୋଟ ଲହଡି ହେଲେ ଘରଗୁଡ଼ିକ ଧୀରେ ଧୀରେ ଝୁଲିଥାଏ। ଏଠି କବାଟ ଖୋଲିଲେ ରାସ୍ତା ନୁହେଁ ପାଣି ଦେଖିବାକୁ ମିଳେ। ଠିକ୍‌ରେ ଠିଆ ହେବା ବି ଏଠି କଷ୍ଟକର। ଭାବୁଥିବେ ଏହା କୌଣସି କାଳ୍ପନିକ ଦୁନିଆ। ହେଲେ ବାସ୍ତବରେ ଏମିତି ଏକ ସ୍ଥାନ ଅଛି। ଏହି ଅଜବ ସ୍ଥାନଟି ମଣିପୁରର ଲୋକଟକ୍ ହ୍ରଦରେ ଅଛି। ଯାହାକି ପ୍ରକୃତିର ଏକ ଅଦ୍ଭୁତ ଚମତ୍କାର କହିଲେ ଭୁଲ ହେବ ନାହିଁ। ଭାରତର ଉତ୍ତରପୂର୍ବ ରାଜ୍ୟ ମଣିପୁରରେ ଥିବା ଲୋକଟକ୍ ହ୍ରଦ ପ୍ରାୟ ୨୪୦ ବର୍ଗ କି.ମି ପର୍ଯ୍ୟନ୍ତ ବ୍ୟାପ୍ତ। ଏହି ହ୍ରଦ କେବଳ ଏହାର ଆକାର ପାଇଁ ନୁହେଁ ବରଂ ଏହାର ସ୍ୱତନ୍ତ୍ରତା ପାଇଁ ବି ପ୍ରସିଦ୍ଧ। ଏହାର ସ୍ୱତନ୍ତ୍ରତା ହେଉଛି ଏହାର ଭାସମାନ ଦ୍ୱୀପ ଓ ତା' ଉପରେ ଥିବା ଘର। ଏହି ଭାସମାନ ଦ୍ୱୀପକୁ ଏଠି 'ଫୁମଦୀ' କୁହାଯାଏ। ଫୁମଦୀ କୌଣସି ଭୂମି ଖଣ୍ଡ ନୁହେଁ। ବରଂ ଏହା ପଚିସଢି ଯାଇଥିବା ବୃକ୍ଷ, ଚେର, ମାଟି ଓ ଜୈବିକ ପଦାର୍ଥର ପରସ୍ତରେ ନିର୍ମିତ ଭାସମାନ ଦ୍ୱୀପ। ବର୍ଷ ବର୍ଷ ଧରି ଏହି ପରସ୍ତ





ଗୋଟାକ ଉପରେ ଜମି ଧୀରେ ଧୀରେ ଏହା ଶକ୍ତ ଡାଞ୍ଚାରେ ରୂପାନ୍ତରିତ ହୋଇଥାଏ। ଆଉ ଏହା ଉପରେ ଲୋକ ଘର ତିଆରି କରିଥାନ୍ତି। ଏହି ଘରେ ରହୁଥିବା ଲୋକ ଲୋକଟକ୍ ହ୍ରଦ ଉପରେ ନିର୍ଭରଶୀଳ। ଘରଠୁ ଆରମ୍ଭ କରି ଦୈନନ୍ଦିନ ଜୀବନ ଓ ଜୀବିକା ସବୁକିଛି ପାଣି ଉପରେ ଚାଲେ। ଏଠି ଲୋକ ଡଙ୍ଗା ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆନ୍ତି। ପିଲାମାନେ ଡ଼ଙ୍ଗାରେ ବସି ସ୍କୁଲ ଯାଆନ୍ତି। ମାଛ ଧରିବା ଏଠାକାର ଅଧିବାସୀଙ୍କର ମୁଖ୍ୟ ଜୀବିକା। ଏହି ହ୍ରଦ ଏକ ପ୍ରାକୃତିକ ଇକୋ ସିଷ୍ଟମ। ଏହି ହ୍ରଦରେ କେଇବୁଲ ଲାମଯାଓ ନାମକ ନ୍ୟାଶନାଲ ପାର୍କ ଅଛି। ଏହା ହେଉଛି ପୃଥିବୀର ଏକମାତ୍ର ଭାସମାନ ନ୍ୟାଶନାଲ ପାର୍କ। ପାର୍କଟି ପାଣି ଉପରେ ଥିବା ଭାସମାନ ବୃକ୍ଷଲତା ଓ ଫୁମଦୀ ଉପରେ ତିଆରି। ଏଠାରେ ଏକ ବିରଳ ପ୍ରଜାତିର ସାଙ୍ଗାଇ ହରିଣ ଦେଖିବାକୁ ମିଳେ। ଲୋକଟକ୍ ହ୍ରଦ 'ଅଣ୍ଟୁର ହ୍ରଦ' ଭାବେ ବି ପରିଚିତ।





# ଜୋତା ମହିଳା

ମହିଳାମାନଙ୍କର ବିଭିନ୍ନ ପ୍ରକାରର ଜୋତା, ସାଣ୍ଡଲ ପ୍ରତି ଥାଏ ଭାରି ଦୁର୍ବଳତା। ପାଖରେ ଯେତେପ୍ରକାରର ଥିଲେ ବି ନୂଆ କିଛି ଡିଜାଇନ୍‌ର ଜୋତା କି ସାଣ୍ଡଲ ଦେଖିଲେ କିଣିବାକୁ ମନ ଆଉଟୁ ପାଉଟୁ ହୁଏ। ସେମିତି ଜଣେ ଜୋତା ପ୍ରିୟ ମହିଳା ହେଉଛନ୍ତି କାଲିଫର୍ନିଆର ଡରଲିନ ଫ୍ଲିନ୍। ତାଙ୍କର ଜୋତା ପ୍ରତି ଏତେ ଆଶକ୍ତି ଯେ ତାଙ୍କୁ ଅନେକେ 'ଶୁ' ଲେଡି' ବୋଲି ବି କୁହାଯାଏ। ଖାଲି ଯେ, ସେ ବିଭିନ୍ନ ପ୍ରକାରର ବିଭିନ୍ନ ଡିଜାଇନ୍‌ର ଜୋତା, ସାଣ୍ଡଲର ସଂଗ୍ରହ ରଖିଛନ୍ତି ତାହା ନୁହେଁ, ବରଂ ସେ ଜୋତା ଆକାରର ଆସବାବପତ୍ର, ପୋଷାକ, ଟିପଟ୍ ଓ ଫୋନ୍ ବି ସଂଗ୍ରହ କରି ରଖିଛନ୍ତି। ତା'ସହ ତାଙ୍କ ପାଖରେ କାଓବୟ ବୁଟ ଓ ସିଣ୍ଡ୍ରେଲା ଗ୍ରାସ୍ ସ୍ଲିପର୍‌ର ଏକ ରିପ୍ଲିକା ଅଛି। ୨୦୦୬ ମସିହାରେ ସେ ୭,୭୬୫ ଜୋତା ଓ ସାଣ୍ଡଲ ଆକାରର ସାମଗ୍ରୀ ରଖି ରେକର୍ଡ କରିଥିଲେ। ଏବେ ଏହି ସଂଗ୍ରହ ବୃଦ୍ଧି ହୋଇ ଦ୍ୱିଗୁଣା ହୋଇ ୧୬,୪୦୦କୁ ପହଞ୍ଚିଲାଣି। ଫଳରେ ନିଜ ରେକର୍ଡ ଭାଙ୍ଗି ସେ ଆଉ ଏକ ନୂଆ ରେକର୍ଡ କରିପାରିଛନ୍ତି। ଫ୍ଲିନ୍ କୁହନ୍ତି, ଏହି ସଂଗ୍ରହ ପାଇଁ ମୁଁ ୫୦୦,୦୦୦ ଡଲାର ଖର୍ଚ୍ଚ କରିଛି। ୨୦୦୧ରେ ଯେତେବେଳେ ମୋର ଛାଡପତ୍ର ହେଲା, ମୋର ଏହି ସଂଗ୍ରହର ନିଶା ଆରମ୍ଭ ହୋଇଥିଲା। ମୋ ମନରେ ଜୋତା, ସାଣ୍ଡେଲ ପ୍ରତି ଅହେତୁକ ଭଲ ପାଇବା କାହିଁକି ବୃଦ୍ଧି ହେଲା ତାହା ଜାଣିନି। ହେଲେ ଏହାକୁ ଦେଖିଲେ ମୁଁ ମୋ ନିଜକୁ ଆୟତ୍ତରେ ରଖିପାରେନା।'